

ଆଜିର କାମ ଆସନ୍ତାକାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- କାର୍ଲାଇଲ



## ସଂକ୍ଷେପରେ

### ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ବୁର୍ଲା ଏମ୍‌ସିଏଲ୍ ଡିଏଭି ପବ୍ଲିକ ସ୍କୁଲର ସଫଳତା

**ଟିପିଲିମା, ୭।୫ (ଡି.ଏନ.ଏ.):** ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷା ଫଳରେ ବୁର୍ଲା ଏମସିଏଲସ୍ଥିତ ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ସଫଳତା ଅର୍ଜନ କରିଛନ୍ତି। ଏହି ସ୍କୁଲର ନୀଳ ଚକ୍ରବର୍ତ୍ତୀ ୯୮.୪ ପ୍ରତିଶତ ନମ୍ବର ରଖିଥିବା ବେଳେ ବିଜୟିନୀ ମହାପାତ୍ର ୯୮ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ହୋଇଛନ୍ତି । ଶିବସୁନ୍ଦର ସାହୁ ଓ ପ୍ରାଚୀ ତ୍ରିପାଠୀ ଯୁଗ୍ମ ଭାବରେ ୯୭.୮ ପ୍ରତିଶତ ରଖି ତୃତୀୟ ସ୍ଥାନ ଗ୍ରହଣ କରିଛନ୍ତି। ସେହିଭଳି ସାଇସତ୍ୟମ ଶାସନି (୯୭.୬), ମନିଷ କୁମାର ରାଉତଜୟସିଂହ (୯୭), ସଞ୍ଜୟ କୁମାର ଆଚାର୍ଯ୍ୟ (୯୫.୬), ପ୍ରଣବେଶ ମିଶ୍ର (୯୫.୪), ଜ୍ୟୋତିର୍ମୟୀ ସରଦାର (୯୫.୪), ସତ୍ୟମ ଆଶୁତୋଷ ଶତପଥୀ (୯୫.୨), ଗୌତମ ଦାସ (୯୫.୨), ଅନୁଭବ ଦାସ (୯୫.୨) ଓ ବିଭୁଶ୍ରମଣ ରଥ ୯୫ ପ୍ରତିଶତ ନମ୍ବର ରଖିଛନ୍ତି। ତେବେ ବିଦ୍ୟାଳୟର ୯୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୧୩ଜଣ ଛାତ୍ରୀଛାତ୍ର ୯୫ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ବେଳେ ୩୫ ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି । ବିଦ୍ୟାଳୟର ଅଧକ୍ଷା ରଶ୍ମି ମିଶ୍ର ଏହି ସୂଚନା ଦେଇଛନ୍ତି।

### ୧୯ରେ ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା

**ସମ୍ବଲପୁର, ୭।୫ (ବ୍ୟୁରୋ):** ଡା. ଝସକେତନ ସାହୁ ସୁଇମିଂ ପୁଲ୍ ପରିସରରେ ଜିଲା ସନ୍ତରଣ ସଂଘର କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତନୁ ଘୋଷଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭା ହୋଇଥିଲା। ଚଳିତ ମାସ ୧୯ ତାରିଖ ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଆୟୋଜନ କରିବାକୁ ଏହି ବୈଠକରେ ସ୍ଥିର କରାଯାଇଛି। ରଞ୍ଜିତ ପୁରୋହିତ, ମହମ୍ମଦ ଇସାକ, ବିଶ୍ୱମ୍ଭର ବହିଦାର, ରଙ୍ଗନିଧି ସେଠ, ଜିଲା କ୍ରୀଡାଧିକାରୀ ଉପେନ୍ଦ୍ର ଶତପଥୀ, ରାଜେଶ ମିଶ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ସଂଘର ସାଧାରଣ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ ପ୍ରାରମ୍ଭିକ ସୂଚନା ଦେଇଥିଲେ।

### ୧୨ରୁ ଗ୍ରୀଷ୍ମକାଳୀନ କ୍ରିକେଟ ପ୍ରଶିକ୍ଷଣ ଶିବିର

**ସମ୍ବଲପୁର, ୭।୫ (ବ୍ୟୁରୋ):** ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚଳିତ ମାସ ୧୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମକାଳୀନ କ୍ରିକେଟ ପ୍ରଶିକ୍ଷଣ ଶିବିର ଆୟୋଜିତ ହେବ । ଏଥିରେ ୧୬ ବର୍ଷରୁ କମ୍ ବୟସର ଖେଳାଳିମାନେ ଭାଗ ନେଇପାରିବେ। ଜିଲା କ୍ରୀଡାସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ଏହି ସୂଚନା ଦେଇଛନ୍ତି।

### ଧନୁପାଲି ପ୍ରିମିୟର ଲିଗ୍ କ୍ରିକେଟ ପ୍ରସ୍ତୁତି ବୈଠକ

**ସମ୍ବଲପୁର, ୭।୫ (ବ୍ୟୁରୋ):** ଅଷ୍ଟମ ଧନୁପାଲି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆୟୋଜକ କମିଟିର ସଭାପତି ଅଭିଜିତ ଶର୍ମା ଏଥିରେ ଅଧକ୍ଷତା କରିଥିଲେ । ଆସନ୍ତା ୩୦ରୁ ଜୁନ ୨ ତାରିଖ ପର୍ଯ୍ୟନ୍ତ ଧନୁପାଲି ସରସ୍ୱତୀ ଶିଶୁମନ୍ଦିର ଖେଳ ପଡ଼ିଆଠାରେ ଏହି ଟୁର୍ନାମେଣ୍ଟ ହେବାକୁ ସ୍ଥିର କରାଯାଇଛି। ଏହି କ୍ରିକେଟ ଲିଗରେ ସମ୍ବଲପୁର ଓ ବିଭିନ୍ନ ଜିଲାର ୨୮ଟି କ୍ରିକେଟ ଦଳ ଭାଗ ନେବେ। ମ୍ୟାଚ ଗୁଡ଼ିକ ଫ୍ଲଡ୍ ଲାଇଟ୍‌ରେ ପ୍ରତ୍ୟହ ସନ୍ଧ୍ୟାରେ ଖେଳାଯିବ। ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ଅର୍ଥ ପ୍ରଦାନ କରାଯିବ । ଦୁଷ୍ମନ୍ତ କୁମାର ପଣ୍ଡା, ପ୍ରଦୀପ କୁମାର ସାହୁ, ଶ୍ରୀକାନ୍ତ ପାତ୍ର, ଜ୍ଞାନରଞ୍ଜନ ମହାନ୍ତି, ଶଶାଙ୍କ ମହାରଣା, ଅନୁପ ପ୍ରଧାନ, ଯୁବରାଜ ମହାପାତ୍ର, ସୀତାଂଶୁ ବଡ଼ପଣ୍ଡା, ତପନ ପାଣିଗ୍ରାହୀ, କାଳିଆ ବେହେରା, ସୁମନ୍ତ ମହାପାତ୍ର, ସନ୍ଦେଶ ପଣ୍ଡା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ଈଶ୍ୱରମ୍ମାଙ୍କ ମହାପରାୟଣ ଦିବସ

**ସମ୍ବଲପୁର,୭।୫ (ବ୍ୟୁରୋ):** ସମ୍ବଲପୁର ଭୂତାପଡା ଛକ ସ୍ଥିତ ପ୍ରଶାନ୍ତି ମନ୍ଦିରଠାରେ ମାତା ଇଶ୍ୱରମ୍ମାଙ୍କ ମହାପରାୟଣ ଦିବସ ପାଳିତ ହୋଇଯାଇଛି । ସତ୍ୟସାଇ ସେବା ସମିତି ପକ୍ଷରୁ ପ୍ରଶାନ୍ତି ମନ୍ଦିରଠାରୁ ନଗର କୀର୍ତ୍ତନ, ଷୋଡଶ ଉପଚାର, ନାରାୟଣ ସେବା କରାଯାଇଥିଲା । ପ୍ରଫେସର ରେଣୁକା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସେବା ସମିତି ଜିଲା ସଭାପତି ଯୁବରାଜ ମୁନା, ଆବାହକ ମୋତିଲାଲ ଦୋରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ସତ୍ୟସାଇ ବାଳ ବିକାଶ କେନ୍ଦ୍ରର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ବୀମା ଟଙ୍କା ନ ମିଳିଲେ ଋଣ ପରିଶୋଧ ବନ୍ଦ

**ସମ୍ବଲପୁର,୭।୫(ବ୍ୟୁରୋ)**



ବରେଇପାଲି ମାର୍କେଟୟାର୍ଡରେ ଅନୁଷ୍ଠିତ ବୈଠକରେ ଚାଷୀମାନେ।

୨୦୧୭ ଖରିଫ ଋତୁରେ ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇବାକୁ ତାଲିକାରେ ନାମ ଥାଇ ମଧ୍ୟ ଚାଷୀ ଟଙ୍କା ପାଇ ପାରି ନାହାନ୍ତି । ରେମେଡ ସମବାୟ ସମିତି ମାଧ୍ୟମରେ ଓ ଅନଲାଇନରେ ଚାଷୀ ପ୍ରିମିୟମ ଦେଇଥିଲେ। ଏଣୁ ଏହାର ସମାଧାନ ନେଇ ଚାଷୀ ସଂଗଠନ ଓ ବରଗଡ ସେବା ସମବାୟ ବ୍ୟାଙ୍କ ସଂପାଦକ ଗୁରୁଚରଣ ଦାସଙ୍କ ମଧ୍ୟରେ ବରେଇପାଲି ମାର୍କେଟୟାର୍ଡରେ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଚାଷୀମାନେ ସମ୍ପାଦକ ଦାସଙ୍କୁ ଘେରି ଯାଇ ପ୍ରଶ୍ନ ପଚାରି ଥିଲେ । ୨ ବର୍ଷ ହେଲା ଚାଷୀ ବୀମା ଟଙ୍କା ପାଇ ପାରୁନାହାନ୍ତି, ହେଲେ ସମବାୟ ସମିତିରେ ପ୍ରିମିୟମ ଟଙ୍କା ଦେଉଛନ୍ତି। ତେଣୁ ବୀମା ଟଙ୍କା ପ୍ରଦାନରେ ହୋଇଥିବା ବିଭ୍ରାଟ ପାଇଁ ସମବାୟ ସମିତି ଦାୟୀ ବୋଲି ଚାଷୀ ଅଭିଯୋଗ କରିଥିଲେ। ତେବେ ବୀମା ଟଙ୍କା ପ୍ରଦାନ କରାଯିବ ବୋଲି ଘୋଷଣା ହେବା ପରେ ମଧ୍ୟ ଅଧା ଚାଷୀଙ୍କୁ ଏହା ମିଳିଛି। ଆହୁରି ପ୍ରାୟ ୨୦୨ ଜଣ ଚାଷୀ ବୀମା ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି । ଏ ନେଇ ଚାଷୀମାନେ ମଧ୍ୟ ଭୁବନେଶ୍ୱର ଯାଇ ସମବାୟ ସଚିବଙ୍କୁ ଅଭିଯୋଗ କରିଛନ୍ତି। ହେଲେ କିଛି ଫଳ ମିଳି ପାରଲା ନାହିଁ ବୋଲି ଏହି ବୈଠକରେ ଚାରଷୀମାନେ ଅଭିଯୋଗ କରିଥିଲେ । ତେବେ ବୀମା ଟଙ୍କା ନ ପାଇବା ପର୍ଯ୍ୟନ୍ତ ରେମେଡ ଓ ଶଙ୍କର୍ମା ସମାବୟ ସମିତିର ଚାଷୀମାନେ ଋଣ ପରିଷୋଧ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଋଣ ପରିଷୋଧ ନ କଲେ ମଧ୍ୟ ରବି ଋତୁ ଫସଲ ପାଇଁ ଟଙ୍କା ଓ ସାର ଋଣ ପ୍ରଦାନ କରାଯିବ । ଋଣ ପରିଷୋଧ ଅବଧି ସମୟ ଅଧିକ ହେଲେ ମଧ୍ୟ ସୁଧ ହାର ସମବାୟ ସମିତି ଅଧିକ ନେଇ ପାରିବ ନାହିଁ ବୋଲି ଚାଷୀମାନେ ଦାବି ରଖିଛନ୍ତି। ସେହିଭଳି ଖୁବ ଶୀଘ୍ର ଚାଷୀମାନଙ୍କୁ ବୀମା ଟଙ୍କା ପ୍ରଦାନ କରାଯାଉ। ନ ହେଲେ ଆନ୍ଦୋଳନ କରାଯିବ ବୋଲି ସଭାରେ ନିଷ୍ପତ୍ତି ହୋଇଛି। ଏହା ସହ ଏକ ଟିମ୍ ଗଠନ କରି ସଚିବସ୍ତରରେ ଆଲୋଚନା କରି ସମସ୍ୟାରେ ସମାଧାନ କରାଯିବ ବୋଲି ସ୍ଥିର ହୋଇଛି। ଏହି ବୈଠକରେ ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଆଶୋକ ପ୍ରଧାନ, ଜିଲା ସଭାପତି ମୁରାରୀ ପୁରୋହିତ, ଉପସଭାପତି ହରିଶଙ୍କର ପୁରୋହିତ, ଉମେଶ ମିଶ୍ରଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ହାତୀ ଆକ୍ରମଣରେ ଗୁରୁତର ବୃଦ୍ଧଙ୍କ ମୃତ୍ୟୁ

**ପଡିଆବାହାଲ, ୭।୫ (ଡି.ଏନ.ଏ.)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ୍ ଡଙ୍ଗରପଡା ପଞ୍ଚାୟତ ଭଣ୍ଡାରିମାଲ ଗାଁ କୁଲିତାପଡାର ଜଣେ ବୃଦ୍ଧଙ୍କ ହାତୀ ଆକ୍ରମଣ ଯୋଗୁ ମଙ୍ଗଳବାର ମୃତ୍ୟୁ ଘଟିଛି। ମୃତକ ହେଲେ ରାଜେନ୍ଦ୍ର ବାରିକ (୬୦)। ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ମେଡିକାଲ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା (ନଂ.୪୦୪/୧୯) ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ରାଜେନ୍ଦ୍ର ସକାଳୁ ସକାଳୁ ଗାଁ ନିକଟ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିଲେ। ସେ କେନ୍ଦୁପତ୍ର ତୋଳୁଥିବାବେଳେ ଗୋଟିଏ ହାତୀକୁ ଦେଖି ସେଠାରେ ବୁଲୁଥିବା କୁକୁରପଲ ଭୁକିଥିଲେ। ହାତୀଟି କୁକୁରପଲକୁ ଆକ୍ରମଣ କରିବାକୁ ଗୋଡାଇବା ବେଳେ କୁକୁରପଲ ଦୌଡି ପଳାଇଥିଲେ। ହେଲେ ରାଜେନ୍ଦ୍ର ହାତୀ ହାବୁଡରେ ପଡି ଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକି ଫୋପାଡି ଦେଇଥିଲା। ଏହାର କିଛି ସମୟ ପରେ ଗାଁର ଅନ୍ୟମାନେ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିଲେ। ସେମାନେ ରାଜେନ୍ଦ୍ରଙ୍କୁ ରକ୍ତାକ୍ତ ଅବସ୍ଥାରେ ଦେଖି ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ବୁର୍ଲାରେ ରାଜେନ୍ଦ୍ର ପୋଲିସକୁ ହାତୀ ଆକ୍ରମଣର ଶିକାର କିଭଳି ହେଲେ ତାହା ବୟାନ ଦେଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତୁ ଘଟିଛି। ତେବେ ରାଜେନ୍ଦ୍ରଙ୍କ ଅକାଳ ମୃତ୍ୟୁରେ ତାଙ୍କ ସ୍ତ୍ରୀ ଭାଙ୍ଗି ପଡିଛନ୍ତି। ପିଲାଛୁଆ ନ ଥିବାରୁ ଏବେ ସେ କିଭଳି ଚଳିବେ ଚିନ୍ତାରେ ପଡିଛନ୍ତି। ସରକାରୀ ବ୍ୟବସ୍ଥା ଅନୁସାରେ ରାଜେନ୍ଦ୍ରଙ୍କ ସ୍ତ୍ରୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗାଁ ଲୋକେ ଦାବି କରିଛନ୍ତି ।

## ସିବିଏସଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ବିରାଟର ସଫଳତା






ଆଦର୍ଶ ସ୍ୱର୍ଣ୍ଣକାର ଅଭିଳାସ ସିଂ ଆଶାପର୍ଣ୍ଣା ପ୍ରଧାନ ପ୍ରୀତିଶ୍ରୀ ସାହୁ

**ସମ୍ବଲପୁର, ୭।୫ (ବ୍ୟୁରୋ)**

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ସିବିଏସଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ସମ୍ବଲପୁରସ୍ଥିତ ବିରାଟ ଇନଷ୍ଟିଚ୍ୟୁଟର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ବିଜ୍ଞାନ ବିଭାଗରେ ଏହି ଅନୁଷ୍ଠାନର ଆଦର୍ଶ ସ୍ୱର୍ଣ୍ଣକାର ୯୬.୨ ପ୍ରତିଶତ ନମ୍ବର ରଖିଛନ୍ତି। ସେହିଭଳି ଅଭିଳାଷ ସିଂ ୯୬.୨%, ଆଶାପର୍ଣ୍ଣା ପ୍ରଧାନ ୯୬%, ପ୍ରୀତିଶ୍ରୀ ପ୍ରିୟଦର୍ଶିନୀ ସାହୁ ୯୫.୬%, ପ୍ରୟାସ ପ୍ରଧାନ ୯୫.୨%, ସମ୍ବ୍ରାନ୍ତ ଦୋରା ୯୪.୮%, ତନିସ୍କା ରାଉତରାୟ ୯୩.୮%, ଗାୟତ୍ରୀ ଗୌରି ୯୩.୮%, ରାହୁଲ କୁମାର ଦୋରା ୯୩%, ସୁଶ୍ରୀ ସଙ୍ଗୀତା ସ୍ୱାଇଁ ୯୨.୮%, ଗାର୍ଗୀ ଗୌରି ୯୧.୮%, ସଞ୍ଜିତ କୁମାର ପାତ୍ର ୯୧.୪ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ଇନଷ୍ଟିଚ୍ୟୁଟର ଅଧିକାଂଶ ଛାତ୍ରୀଛାତ୍ର ୮୦ରୁ ୯୦ ପ୍ରତିଶତ ନମ୍ବର ରଖିଛନ୍ତି। ବିରାଟ ଅଧକ୍ଷ ରାହୁଲ ରାଜ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।

## ସମବାୟ ଡେପୁଟି ରେଜିଷ୍ଟ୍ରାରଙ୍କୁ ଭେଟିଲେ ଚାଷୀ

**ସମ୍ବଲପୁର,୭।୫(ବ୍ୟୁରୋ)**

ସମ୍ବଲପୁର ଗସ୍ତରେ ଆସିଥିବା ସମବାୟ ବିଭାଗ ଡେପୁଟି ରେଜିଷ୍ଟ୍ରାର ତଥା ପରିସଂଖ୍ୟାନ ବିଭାଗ ନିର୍ଦ୍ଦେଶିକା ଗାୟତ୍ରୀ ପଟ୍ଟନାୟକଙ୍କୁ ଚାଷୀ ସଂଗଠନ ପ୍ରତିନିଧି ଦଳ ଭେଟି ଆଲୋଚନା କରିଛନ୍ତି। ଡିଆରଡିଏ ଅଫିସ ପରିସରରେ ପ୍ରାୟ ୧୫ ମିନିଟ ଧରି ଫସଲ ବୀମା ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏହି ସମୟରେ ସଚିବ ପଟ୍ଟନାୟକ ପ୍ରତିଶ୍ରୁତି ଦେଇ କହିଥିଲେ ଯେ, ବୀମା ସମସ୍ୟା ଉପରେ ବିଭାଗ ଅବଗତ ଅଛି । ଏଥିପାଇଁ ଏକ ଟିମ୍ ଗଠନ କରାଯାଇଛି । ସେମାନେ ଦିଲ୍ଲୀସ୍ତରରେ ଆଲୋଚନା କରି ସମସ୍ୟାର ସମାଧାନ କରିବେ । ଶୀଘ୍ର ଚାଷୀମାନଙ୍କୁ ବୀମା ଟଙ୍କା ପ୍ରଦାନ କରାଯିବ ବୋଲି ସେ କହିଥିଲେ । ଚାଷୀ ଏମ ଗୋବିନ୍ଦୁ, ଦିଲୀପ ସାହୁ, ଭୌରବ ପ୍ରଧାନ, ସୀତାକାନ୍ତ ପଣ୍ଡା, ମୁରାରୀ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ ।

■ କୃଷି ବିଭାଗ ପକ୍ଷରୁ ଅକ୍ଷୟ ତୃତୀୟା ଦିବସ ପାଳିତ

## ଅଖିମୁଠି ଅନୁକୂଳ କରି ଜମିରେ ହଳ କଲେ ଉପଜିଲାପାଳ

**ରେଢାଖୋଲ ୭।୫(ଡି.ଏନ.ଏ.)**



ରେଢାଖୋଲରେ ଅକ୍ଷୟ ତୃତୀୟା ଅବସରରେ ପୂଜାର୍ଚ୍ଚନା କରାଯାଉଛି।

ରେଢାଖୋଲ କୃଷି ଜିଲା ପକ୍ଷରୁ ମଙ୍ଗଳବାର ଅକ୍ଷୟ ତୃତୀୟା ଦିବସ ପାଳନ କରାଯାଇଛି। ଏହି ଅବସରରେ ସହରର ୱାର୍ଡ ନଂ ୧ ଅନ୍ତର୍ଗତ ପୁରୁଣାଗଡ ଗ୍ରାମର ଚାଷୀ ଦିଲ୍ଲୀପ ପ୍ରଧାନଙ୍କ ଜମିରେ ମୁଠି ଅନୁକୂଳ କରାଯାଇଥିଲା। ପ୍ରାରମ୍ଭରେ ଚାଷୀମାନେ ନାମ ସଂକୀର୍ତ୍ତନ କରି ଅତିଥିମାନଙ୍କୁ ଚାଷ ଜମି ନିକଟକୁ ପାଛୋଟି ଆଣିଥିଲେ। ଉପଜିଲାପାଳ ବିଶିକେସନ ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଠି ଅନୁକୂଳ କରିବା ସହିତ ପାୱାରଟିଲର ଚଳାଇ ଜମିରେ ହଳ କରିଥିଲେ। ତେବେ ସରକାରଙ୍କ ପକ୍ଷରୁ ରିହାତି ମୂଲ୍ୟରେ ସାର, ବିହନ, କୃଷି ଯନ୍ତ୍ରପାତି ଓ କୃଷିଉପକରଣ ଯୋଗାଇ ଦିଆଯାଉଛି। ଚାଷୀମାନେ ଏସବୁ ନେବା ସହ ଉନ୍ନତମାନର ଜ୍ଞାନ କୌଶଳ ପ୍ରୟୋଗ କରି ଚଳିତ ଖରିଫ ଋତୁରେ ଅଧିକ ଲାଭବାନ ହୁଅନ୍ତୁ ବୋଲି ଉପଜିଲାପାଳ ଚାଷୀମାନଙ୍କ ମଙ୍ଗଳ କାମନା କରିବା ସହିତ ପରାମର୍ଶ ଦେଇଛନ୍ତି। ଏହି ଅକ୍ଷୟ ତୃତୀୟା ଦିବସ ପାଳନରେ ବ୍ଲକର ଶତାଧିକ ଚାଷୀ ଯୋଗ ଦେଇଥିଲେ। ଜିଲା କୃଷି ଅଧିକାରୀ ଦୁଃଶାସନ ପ୍ରହରାଜ, ସହକାରୀ କୃଷି ଅଧିକାରୀ ଗଗନ ବିହାରୀ ନାଏକ, ଡିଲେଶ୍ୱର ସାହୁ, ସହକାରୀ ନିବନ୍ଧକ ମହେନ୍ଦ୍ର କୁମାର ନନ୍ଦ, ସହକାରୀ ଉଦ୍ୟାନ ଅଧିକାରୀ ବିଦ୍ୟୁଲତା ମାଝୀଙ୍କ ସମେତ କ୍ଷୁଦ୍ରଜଳସେଚନ, ଯୋଗାଣ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷି ଓଭରସିଅର ମଦନ ମୋହନ ବେହେରା, ପ୍ରହଲ୍ଲାଦ ସାହୁ, କୃଷି କର୍ମଚାରୀ ବିଶ୍ୱାମିତ୍ର ସାହୁ, ଗୁଲୁବାଳା ବେହେରା, ସୁଜାତା ପଣ୍ଡା, ରାଜଲତା ଅସିମା, ସସ୍ମିତା ଗଡନାୟକ, ଶାନ୍ତନୁ ସାହୁ ଓ ବ୍ଲକର ସମସ୍ତ କୃଷକ ସାଥୀ ଯୋଗ ଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ବିଦ୍ୟୁତ୍ ସମସ୍ୟା ନେଇ ଧନୁପାଲି-କଟକ ରାସ୍ତାକ ମହିଳାମାନେ ଅବରୋଧ କରିଛନ୍ତି ।

## ଟ୍ରାନ୍ସଫର୍ମର ଲଗାଇବା ଦାବିରେ ରାସ୍ତାରୋକୋ

**ସମ୍ବଲପୁର,୭।୫(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅଧୀନ ଭତରା ଡୁରିପଡାବାସୀ ଟ୍ରାନ୍ସଫର୍ମର ଲଗାଇବା ଦାବିରେ ରାସ୍ତାକୁ ଓହ୍ଲାଇଛନ୍ତି। ମଙ୍ଗଳବାର ଅପରାହ୍ଣରେ ମହିଳାମାନେ ଧନୁପାଲି-କଟକ ରାସ୍ତା ଅବରୋଧ କରିଥିଲେ । ଟାୟାର ଜାଳି ପ୍ରାୟ ଅଧଘଣ୍ଟା ଅବରୋଧ କରି ବିଦ୍ୟୁତ ବିଭାଗ ଉପରେ ବର୍ଷିଥିଲେ। ଟ୍ରାନ୍ସଫର୍ମର ଲଗାଇବା ପର୍ଯ୍ୟନ୍ତ ରାସ୍ତାରୋକୋ ଚାଲିବ ବୋଲି ଜିଦ୍ ଧରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଗାଡିଗୁଡିକ ଅଟକି ରହିଥିଲା। ଧନୁପାଲି ଥାନା ଅଧିକାରୀ କମଳ ଲୋଚନ ପଣ୍ଡା ପହଞ୍ଚି ଆଲୋଚନା କରିଥିଲେ । ବିଦ୍ୟୁତ୍ ବିଭାଗ ସହ ଆଲୋଚନା ହୋଇଛି। ବିଦ୍ୟୁତ୍ ସଂଯୋଗ ହୋଇଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳମାନେ ରାସ୍ତା ଅବରୋଧରୁ ହଟିଥିଲେ। ତେବେ ଏମାନେ ଅଭିଯୋଗ କରିଛନ୍ତି ଯେ, ୩ ଦିନ ହେଲା ପଡାର ଅଧିକାଂଶ ଘରେ ବିଜୁଳି ସଂଯୋଗ କଟି ଯାଇଛି। ବିଭାଗୀୟ କର୍ମଚାରୀଙ୍କୁ କହିଲେ ଟ୍ରାନ୍ସଫର୍ମର ପୋଡି ଯାଇଛି ବୋଲି କହୁଛନ୍ତି । ଅନ୍ୟପଟେ ଜଣେ କର୍ମଚାରୀ ପଡାରୁ ବିଲ୍ ନେଇଛନ୍ତି। ହେଲେ ଏବେ ସେ କର୍ମଚାରୀଙ୍କ ଅଫିସରେ ଦେଖା ମିଳୁନାହିଁ । ଟଙ୍କା ଆଣି କର୍ମଚାରୀ ଜଣଙ୍କ ରସିଦ ମଧ୍ୟ ଦେଇ ନ ଥିବା ଲୋକେ ଅଭିଯୋଗ କରିଛନ୍ତି ।

## ଦୁର୍ଘଟଣାରେ ବାପ, ଝିଅ ମୃତ

**ସମ୍ବଲପୁର,୭।୫(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅଧୀନ ଏକ ଢାବା ନିକଟରେ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ଏକ ଦୁର୍ଘଟଣା ଘଟିଛି । ଏଥିରେ ବାପ ଝିଅଙ୍କ ମୃତ୍ୟୁ ଘଟିଛି। ଏମାନେ ହେଲେ ଲିପିଣ୍ଡା ଗ୍ରାମର ବିଜୟ ପ୍ରଧାନ (୫୫) ଓ ତାଙ୍କ ଝିଅ ରିତା ପ୍ରଧାନ (୨୮)। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଛେଦ ପାଇଁ ପଠାଇଛି । ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ବାପ ଝିଅ ଏକ ନମ୍ବର ବିହୀନ ବାଇକ ଯୋଗେ ଘରୁ ସକାଳେ ବାହାରି ଜିଲା ସଦର ମେଡିକାଲକୁ ଆସିଥିଲେ। ଝିଅ ରିତାର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଘରକୁ ଫେରୁଥିଲେ । ଘରୁକୁ ଆଉ ୨୦ କି.ମି. ବାକି ରହିଥିଲା। ସମ୍ମୁଖରୁ କୌଣସି ଗାଡି ଧକ୍କା ଦେଇ ପଳାଇଥିଲା। ବାପ ଝିଅ ରାସ୍ତା ଉପରେ ଛିଟିକି ପଡିଥିଲେ। ଏହି ଘଟଣାରେ ତାଙ୍କ ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

## ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ବିରାଟର ସଫଳତା






ବିଜୟିନୀ ମହାପାତ୍ର ନିଲ ଚକ୍ରବର୍ତ୍ତୀ ଶ୍ରୀଓମ୍ ପ୍ରଧାନ ସ୍ୱର୍ଣ୍ଣାଲି ରଏ

**ସମ୍ବଲପୁର, ୭।୫ (ବ୍ୟୁରୋ)**

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ସିବିଏସଇ) ଦ୍ୱାରା ପରିଚାଳନା ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ଏଥିରେ ସମ୍ବଲପୁରସ୍ଥିତ ବିରାଟ ଇନଷ୍ଟିଚ୍ୟୁସନ୍ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। କୃତୀ ଛାତ୍ରୀଛାତ୍ରମାନଙ୍କୁ ଅଧକ୍ଷ ରାହୁଲ ରାଜ ପୁରସ୍କୃତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ଇନଷ୍ଟିଚ୍ୟୁସନ୍‌ର ନିଲ ଚକ୍ରବର୍ତ୍ତୀ (୯୮.୪), ବିଜୟିନୀ ମହାପାତ୍ର (୯୮), ଶ୍ରୀଓମ୍ ପ୍ରଧାନ (୯୭.୬), ସ୍ୱର୍ଣ୍ଣାଲି ରଏ (୯୫.୮), ସାତ୍ତ୍ୱିକ ମହାପାତ୍ର (୯୫), ଦେବାଂଶି ସାହୁ (୯୧.୪), ଦେବେଶ କୁମାର ମିଶ୍ର (୯୧) ଓ ଜ୍ୟୋତ୍ସ୍ନାରାଣୀ ବାରିକ ୯୧ ପ୍ରତିଶତ ନମ୍ବର ରଖି ଇନଷ୍ଟିଚ୍ୟୁସନ୍‌ର ଶୀର୍ଷ ୧୦ଜଣ ତାଲିକାରେ ରହିଛନ୍ତି। ଏଥିସହ ୮୦ରୁ ୯୦ ପ୍ରତିଶତ ମଧ୍ୟରେ ବହୁ ଛାତ୍ରୀଛାତ୍ର ରହିଥିବାଅଧକ୍ଷ ରାଜ ପ୍ରକାଶ କରିଛନ୍ତି।

## ରେଙ୍ଗାଲିରେ ବ୍ରାହ୍ମଣ ସମାଜ ପକ୍ଷରୁ ପର୍ଶୁରାମ ଜୟନ୍ତୀ

**ରେଙ୍ଗାଲି, ୭।୫ (ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ବ୍ରାହ୍ମଣସମାଜ ପକ୍ଷରୁ ପର୍ଶୁରାମ ଜୟନ୍ତୀ ପାଳନ କରାଯାଇଛି । ମଙ୍ଗଳବାର ସନ୍ଧ୍ୟାରେ ରେଙ୍ଗାଲି ରାଧାକୃଷ୍ଣ ମନ୍ଦିରରୁ ଏକ ସୁସଜ୍ଜିତ ଗାଡିରେ ପର୍ଶୁରାମ ବେଶରେ ଝଣ୍ଡା ଧରି ଏକ ଶୋଭାଯାତ୍ରା ରେଙ୍ଗାଲି ସହର ପରିକ୍ରମା କରିଥିଲା । ପର୍ଶୁରାମ ଜୟଧ୍ୱନୀରେ ରେଙ୍ଗାଲି ସହର କମ୍ପି ଉଠିଥିଲା । ଏହି ଶୋଭାଯାତ୍ରାରେ ରେଙ୍ଗାଲି ବ୍ରାହ୍ମଣ ସମାଜର ବହୁ ସଭ୍ୟ ଉପସ୍ଥିତ ଥିଲେ ।

## ଫଟୋରେ ଖବର




ସମ୍ବଲପୁର ଭିଏସଏସ ମାର୍ଗସ୍ଥିତ ଏକ ହୋଟେଲରେ ଇଣ୍ଡିଆନ ଡେଣ୍ଟାଲ ଆସୋସିଏସନ୍ ମହାନଦୀ ଶାଖାର ବୈଠକରେ କର୍ମକର୍ତ୍ତାମାନେ ।




ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ପ୍ରଥମ ସମ୍ବଲପୁର କ୍ଲବ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଚାମ୍ପିୟନ ପଦ୍ମ ୱାରିୟର୍ସ ଟ୍ରଫି ସହ ।




ପର୍ଶୁରାମ ଜୟନ୍ତୀ ଉପଲକ୍ଷେ ରାଜସ୍ଥାନରୁ ଆସିଥିବା ରଥକୁ ସମ୍ବଲପୁର ପିଏଚଡି ପଡିଆଠାରେ ଭକ୍ତମାନେ ସ୍ୱାଗତ କରୁଛନ୍ତି ।



ଯେଉଁ ଘରେ ସୁଲକ୍ଷଣା ନାରୀ ବାସ କରେ, ସେହି ଘରେ ଲକ୍ଷ୍ମୀ ରହନ୍ତି। କୋଟି କୋଟି ଦେବତା ମଧ ସେହି ଘରକୁ ତ୍ୟାଗ କରନ୍ତି ନାହିଁ।
- ମହର୍ଷି ଗର୍ଗ

## ସଂକ୍ଷେପରେ

### ଶୀତଳଷଷ୍ଠୀ ପାଇଁ ଥାଳଉଠା କାର୍ଯ୍ୟକ୍ରମ

ବରପାଲି, ୭।୫ (ଡି.ଏନ.ଏ): ପବିତ୍ର ଅକ୍ଷୟ ତୃତୀୟାରେ ବରପାଲି ଶୀତଳଷଷ୍ଠୀ ଯାତ୍ରାର ୧୪୨ତମ ଥାଳଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମଙ୍ଗଳବାର ସ୍ଥାନୀୟ ଯାତ୍ରା କମିଟି ଓ କୁମ୍ଭାପଡା ସ୍ଥିତ କନ୍ୟା ପକ୍ଷର ପାର୍ବତୀ ପୂଜା କମିଟି ମିଳିତ ଭାବେ ଏକ ଶୋଭାଯାତ୍ରାରେ ଯାଇ କପିଳେଶ୍ୱର ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ଉଭୟ ପକ୍ଷରୁ କପିଳେଶ୍ୱରଙ୍କୁ ନୂତନ ବସ୍ତ୍ର ଧାରଣ ପୂର୍ବକ ଶତ ଆଳତି ପରେ ଏବର୍ଷର ଥାଳ ଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯାତ୍ରା କମିଟି ବାବା କପିଳେଶ୍ୱରଙ୍କଠାରୁ ଆଜ୍ଞାମାଳ ନେଇ ପରମ୍ପରା ଅନୁଯାୟୀ ଅର୍ଥ ସଂଗ୍ରହ ଆରମ୍ଭ କରିଥିଲା । ସେହିପରି ପାର୍ବତୀ ପୂଜା କମିଟି ମଧ ବାବାଙ୍କଠାରୁ ଆଜ୍ଞାମାଳ ନେଇ ଭକ୍ତମାନଙ୍କ ସହ ପାର୍ବତୀ ମଣ୍ଡପକୁ ପହଞ୍ଚିଥିଲେ । ଏହି ଅବସରରେ ଯାତ୍ରା କମିଟି ସଭାପତି ଆନନ୍ଦ ବାବୁ, ସମ୍ପାଦକ ଜୟନ୍ତ ତ୍ରିପାଠୀ, ପିନାକୀ ଦାଶ, ମାନଭଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ରଥ ନିର୍ମାଣ ପାଇଁ କାଠ ଅନୁକୂଳ

ପୁରୁଣାକଟକ,୭।୫(ଡି.ଏନ.ଏ): ବୌଦ୍ଧ ଜିଲା ଚାରିଛକ ସ୍ଥିତ ଠିକିଆପୋର ଗ୍ରାମରେ ରଥଯାତ୍ରା ମହୋତ୍ସବର ରଥ ନିର୍ମାଣ ପାଇଁ କାଠ ଅନୁକୂଳ ହୋଇଛି । ନିକଟସ୍ଥ ଗ୍ରାମ୍ୟ ଜଙ୍ଗଲରେ ପାରମ୍ପରିକ ରୀତିନୀତି ଅନୁଯାୟୀ ବୃକ୍ଷଦେବତାଙ୍କ ପୂଜାର୍ଚ୍ଚନା ପରେ ସ୍ୱର୍ଣ୍ଣ, ରୂପା ଓ ଲୌହ ନିର୍ମିତ କୁରାଢ଼ୀରେ ରଥକାଠ ଛେଦନ କରାଯାଇଥିଲା। ଏହାପରେ ଉକ୍ତ କାଠକୁ ମନ୍ଦିର ନିକଟସ୍ଥ ରଥଖଳାକୁ ଅଣାଯାଇଥିଲା। ବିଶ୍ୱକର୍ମା କାରିଗର କାଳିଆ ମହାରଣାଙ୍କ ନେତୃତ୍ୱରେ ସମସ୍ତ ବିଶ୍ୱକର୍ମା, ସତ୍ୟଜିତ ପୁରୋହିତ, ବାମଦେବ ଦାଶ, ଶଙ୍କର ମିଶ୍ର, ସଚ୍ଚିଦାନନ୍ଦ ପଣ୍ଡାଙ୍କ ସମେତ ପୁରୁଷୋତ୍ତମ ଦିବ୍ୟଧାମ କମିଟିର ସମସ୍ତ କର୍ମକର୍ତ୍ତା, ବାଣୀଭୂଷଣପୁର ଗ୍ରାମପଞ୍ଚାୟତ ସମସ୍ତ ଗ୍ରାମର ସଭାପତି, ବ୍ରାହ୍ମଣସମାଜ ସଭ୍ୟ ସହଯୋଗ କରିଥିଲେ ।

### ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଆରମ୍ଭ

ଗାଇସିଲେଟ,୭।୫(ଡି.ଏନ.ଏ): ଗାଇସିଲେଟ ଥାନା ସନ୍ଧିବାହାଲ ପଞ୍ଚାୟତ ଯାମୁଟବାହାଲରେ ନବ ନିର୍ମିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସକାଶେ ସୋମବାର ଶତାଧିକ ମହିଳା ଜଳପୂର୍ଣ୍ଣ କଳସ ଆଣି ୧୬ କୁଣ୍ଡୀୟ ଯଜ୍ଞ ମଣ୍ଡପ ସ୍ଥାପନ କରିଥିଲେ । ଆଗାମୀ ୧୨ ତାରିଖରେ ବିଗ୍ରହ ମନ୍ଦିର ପ୍ରବେଶ କରିବେ । ଏହାସହିତ ରାମାୟଣ ପାରାୟଣରେ ପଣ୍ଡିତ ପ୍ରକାଶ ଚନ୍ଦ୍ର ଷଡଙ୍ଗୀ ବ୍ୟାସ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏଠାରେ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହେବ । ମନ୍ଦିର ପ୍ରତିଷ୍ଠାରେ ପଣ୍ଡିତ ନରସିଂହ ତ୍ରିପାଠୀ, ମହେଶ୍ୱର ତ୍ରିପାଠୀ ମୁଖ୍ୟ ପୂଜକ ଅଛନ୍ତି । ଗ୍ରାମର ଗୌନ୍ତିଆ ଅଲେଖ ଚନ୍ଦ୍ର ସିଂହ ମୁଖ୍ୟ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି ।

### ଧାନ ସଂଗ୍ରହ ସମସ୍ୟା, ଜିଲାପାଳଙ୍କୁ ଭେଟିଲେ

ବରଗଡ଼ ଅଫିସ୍,୭।୫: ବରଗଡ଼ ଜିଲାରେ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଏହି ପରିପ୍ରେକ୍ଷୀରେ କଂଗ୍ରେସର ଏକ ପ୍ରତିନିଧି ଦଳ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ କଂଗ୍ରେସ ପକ୍ଷରୁ ଦାବି ହୋଇଛି ।

# ୧୦ରୁ ଆରମ୍ଭ ହେବ ଧାନକିଣା

**ବରଗଡ଼ ଅଫିସ୍/ଅତାବିରା,୭।୫**

ବରଗଡ଼ ଜିଲା ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟାରେ ବାତ୍ୟା ଫନୀ ବାଧକ ସାଜିଛି। ଜିଲାରେ ଫନୀର ପ୍ରଭାବ ପରିଲକ୍ଷିତ ହୋଇ ନ ଥିଲା । ମାତ୍ର ଫନୀର ପ୍ରଭାବ ଯୋଗୁ ଧାନ ସଂଗ୍ରହ ପ୍ରକ୍ରିୟା ପ୍ରଭାବିତ ହୋଇଛି । ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସଫ୍ଟୱେର ଏପର୍ଯ୍ୟନ୍ତ ଲୋଡ୍ ହୋଇପାରି ନାହିଁ । ସେହିପରି ଗତ ୩ ତାରିଖ ସମ୍ବଲପୁର ଆରଡ଼ିସି ଅଫିସ ସମ୍ମିଳନୀ କକ୍ଷରେ ରବିଋତୁ ଧାନ ସଂଗ୍ରହ ପାଇଁ ହେବାକୁ ଥିବା ଜୋନସ୍ତରୀୟ ବୈଠକ ମଧ୍ୟ ଏପର୍ଯ୍ୟନ୍ତ ବସି ପାରି ନାହିଁ । ଫଳରେ ଧାନ କିଣାବିକା ପ୍ରକ୍ରିୟା ବିଳମ୍ବିତ ହୋଇଛି । ତେବେ ଆସନ୍ତା ୧୦ତାରିଖରୁ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବାକୁ ଉଦ୍ୟମ ଚାଲିଛି ଏବଂ ଗତବର୍ଷ ଭଳି ଏକର ପ୍ରତି ୨୬କୁଇଣ୍ଟାଲ ଲେଖାଏଁ ଧାନ ସଂଗ୍ରହ ହେବ ବୋଲି ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝି କହିଛନ୍ତି ।

ସାଧାରଣତଃ ଏପ୍ରିଲ ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ଚାଷୀଙ୍କ ଧାନ ଅମଳ କାର୍ଯ୍ୟ ଆରମ୍ଭ ହୋଇଥାଏ । ଏହି ଦୃଷ୍ଟିରୁ ମେ ପ୍ରଥମ ସପ୍ତାହରେ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୁଏ । ତେବେ ଗତମାସ ୩୦ତାରିଖ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ ଧାନ



ଅତାବିରା ବ୍ଲକ ସିନ୍ଦୁରବାହାଲ ଅଞ୍ଚଳରେ ଚାଷୀମାନେ ଧାନ ଅମଳ କରୁଛନ୍ତି ।

ସଂଗ୍ରହ କମିଟି ବୈଠକରେ ଚଳିତ ମେ ମାସ ୮ତାରିଖରୁ ରବିଋତୁ ଧାନ ସଂଗ୍ରହ ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଥିଲା ।

ସୂଚନାଯୋଗ୍ୟ, ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ନ ହେଉଣୁ ଗତ ୩ତାରିଖ ରାଜ୍ୟର ଉପକୂଳ ଅଞ୍ଚଳକୁ ବାତ୍ୟା ଫନୀ ମାଡ଼ି ଆସିଥିଲା । ଏହି ବାତ୍ୟା ଯୋଗୁ ଉପକୂଳ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିବାବେଳେ ଏଠାରେ ଧାନ ସଂଗ୍ରହ ପ୍ରକ୍ରିୟା ନେଇ ଆନୁସଙ୍ଗିକ ବ୍ୟବସ୍ଥା ମଧ୍ୟ ଠପ୍ ପଡ଼ି ଯାଇଥିଲା । ଫଳରେ ବର୍ତ୍ତମାନ ସୁଦ୍ଧା ଜିଲାର ମଣ୍ଡି ଗୁଡ଼ିକରେ ଧାନ ସଂଗ୍ରହ ପାଇଁ ଆବଶ୍ୟକ ବ୍ୟବସ୍ଥା ଚୂଡ଼ାନ୍ତ ହୋଇପାରି ନାହିଁ । ଅନ୍ୟପଟେ

**ବରଗଡ଼ ଜିଲା**
- ଫନୀ ସାଜିଲା ପ୍ରତିବନ୍ଧକ
- ଆନୁଷଙ୍ଗିକ ବ୍ୟବସ୍ଥା ଅସମ୍ପୂର୍ଣ୍ଣ
- ଏକର ପ୍ରତି ୨୬ କୁଇଣ୍ଟାଲ କିଣାହେବ

କ୍ଷେତ, ଖଳାରେ ଚାଷୀଙ୍କ ଧାନ ବିପୁଳ ପରିମାଣରେ ଗଦା ହେଲାଣି । ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବା ଯୋଗୁ ଚାଷୀ ତାକୁ ମଣ୍ଡିକୁ ଆଣି ପାରୁନାହିଁ। ମେଘୁଆ ପାଗ ବେଳେବେଳେ ଘୋଟି ଆସୁଥିବା ଯୋଗୁ ଧାନର ସୁରକ୍ଷା ନେଇ ଚାଷୀ ଚିନ୍ତିତ ହୋଇ ପଡ଼ିଛି । ମଣ୍ଡି ଖୋଲିବା ବିଳମ୍ବ ହେବାର ଫାଇଦା ଅସାଧୁ ବେପାରୀମାନେ ଉଠାଉଛନ୍ତି । ଜିଲାର କେତେକ ସ୍ଥାନରେ ସରକାରୀ ଧାର୍ଯ୍ୟ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୭୫୦ ଟଙ୍କା ପରିବର୍ତ୍ତେ ବହୁ କମ୍ ଦରରେ ଚାଷୀ ବେପାରୀମାନଙ୍କ ହାତରେ ଧାନ ଟେକି ଦେଉଥିବା ମଧ୍ୟ ଆଲୋଚନା ହେଉଛି। ଅତାବିରା ଆରଏମସି ସମ୍ପାଦକ ବିଶ୍ୱଜିତ ବାରିକ କହିଛନ୍ତି, ଫନି ଯୋଗୁ ଆନୁସଙ୍ଗିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ହୋଇପାରି ନାହିଁ। ତଥାପି ଚାଷୀ ଧାନ ଆଣିଲେ ତାକୁ ମଣ୍ଡିରେ ସୁରକ୍ଷିତ ରଖାଯିବ ବୋଲି ସେ କହିଥିଲେ ।

# ନୃସିଂହନାଥଙ୍କୁ ଲାଗି ହେଲା ପଖାଳ ଭୋଗ

**ପାଇକମାଳ,୭।୫(ଡି.ଏନ.ଏ)**

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବରଗଡ଼ ଜିଲା ପାଇକମାଳର ନୃସିହଂନାଥ ମହାପ୍ରଭୁଙ୍କ ଠାରେ ମଙ୍ଗଳବାର ପଖାଳ ଭୋଗ ଲାଗି ହୋଇଛି । ଏହି ପଖାଳ ଭୋଗ ଅପରାହ୍ନ ୪ଟାରେ ଠାକୁରଙ୍କୁ ଅର୍ପଣ କରାଯିବା ପରେ ଭକ୍ତ ମାନଙ୍କୁ ବଣ୍ଟନ କରାଯାଇଥିଲା। ବୈଶାଖ ମାସରେ ପ୍ରବଳ ଗରମ ଝାଞ୍ଜି ବହିଥାଏ। ଶରୀର ଓ ପେଟ ଥଣ୍ଡା କରିବା ପାଇଁ ପଶ୍ଚିମ ଓଡିଶାର ଜନସାଧାରଣ ପଖାଳ ଖାଇଥାନ୍ତି। ପୌରାଣିକ ମତ ଅନୁସାରେ ଜମୁନା କନ୍ଧୁଣୀ ପ୍ରଭୁ ନୃସିଂହନାଥ ଠାକୁରଙ୍କୁ କନ୍ଦା ଖୋଳିବା ସମୟରେ ପାଇଥିଲେ। ମନ୍ଦିର ପ୍ରତିଷ୍ଠା ପରେ ଭଗବାନଙ୍କୁ ପୂଜା ସମୟରେ ଗ୍ରୀଷ୍ମ କାଳରେ ପଖାଳ ଭୋଗ ଲାଗି ହେଉଥିଲା। ସେହି ସମୟରୁ ଅକ୍ଷୟ ତୃତୀୟା ଦିନରୁ ୭ ଦିନ ଲାଗି ପଖାଳ ଭୋଗ କରାଯାଇଥାଏ। ଅରୁଆ ଚାଉଳ ସହ ଦହି ଓ ଟେଭା ପତ୍ର, ଲୁଣ, ଇଲାଇଚି ମିଶାଇ ଏହି ସସ୍ୱାଦୁ ପଖାଳ ପ୍ରସ୍ତୁତ କରି ଠାକୁରଙ୍କୁ ଭୋଗ ଲାଗି କରାଯାଇଥାଏ। ମାଟି ପାତ୍ରରେ ଏହି ଭୋଗ ସହ ଶାଗ ଓ ଡାଲି ଦିଆଯାଇଥାଏ। ମନ୍ଦିରର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଏହାର ଉପକାରିତା ବିଷୟରେ ସୂଚାଇଥିଲେ ।



ପାଇକମାଳ ବ୍ଲକ ନୃସିଂହନାଥ ପୀଠରେ ଭକ୍ତମାନେ ଠାକୁରଙ୍କ ନିକଟରେ ଲାଗି ହୋଇଥିବା ପଖାଳ ଭୋଗ ଖାଉଛନ୍ତି ।

# ଶୀତଳଷଷ୍ଠୀ ଯାତ୍ରା ପାଇଁ ଥାଳ ଉଠିଲା

**ଘେଁସ,୭।୫(ଡି.ଏନ.ଏ)**

ସୋହେଲା ବ୍ଲକ ଘେଁସର ଶୀତଳଷଷ୍ଠୀ ଯାତ୍ରା ଲାଗି ଥାଳଉଠା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଅକ୍ଷୟ ତୃତୀୟା ଲଗ୍ନରେ ସ୍ୱପ୍ନେଶ୍ୱରଙ୍କ ପୀଠରେ ପଣ୍ଡିତ ଗୌରୀଶଙ୍କର ଦେବତା, ମନ୍ଦିର ପୂଜକ ସଚ୍ଚିଦାନନ୍ଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ବର ମାତାପିତା କାମିନୀ ଗିଙ୍ଗିରା ଓ ଡିଲେଶ୍ୱର ଗିଙ୍ଗିରା ଏବଂ କନ୍ୟା ମାତାପିତା ମମତା ସାହୁ ଓ ପ୍ରମୋଦ ସାହୁ ମନ୍ଦିରରେ ପୂଜାର୍ଚ୍ଚନା କରି ସଂକଳ୍ପ ନେଇଥିଲେ। ପରେ ମହାଦେବଙ୍କ ସହିତ ଜଗତ୍‌ଜନନୀ ମାତା ପାର୍ବତୀଙ୍କ ବିବାହ ମହୋତ୍ସବ ଲାଗି ଉଭୟ ବର ଏବଂ କନ୍ୟା ପକ୍ଷ ସଂକଳ୍ପ ନେଇ ଥାଳ ଉଠାଇଥିଲେ। କାର୍ଯ୍ୟକ୍ରମରେ ପୂଜା କମିଟି ପକ୍ଷରୁ ଷଷ୍ଠୀ ବାରିକ, ସୁବାଷ ମେହେର, ଦୟାନିଧି ପଟେଲ, ଦୁଃଖୀଶ୍ୟାମ ଗିଙ୍ଗିରା, ସନ୍ତୋଷ ଗିଙ୍ଗିରା, ଯୁଗଳ ରଣା, ଆଦିତ୍ୟ ପଟେଲ, ରାଜକିଶୋର ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ଜୁନ୍ ୪ ତାରିଖ ଅପରାହ୍ନରେ କଳସ ଶୋଭାଯାତ୍ରା, ବୁଧବାର କନ୍ୟା ଓ ବରଦର୍ଶନ, ଗୁରୁବାର ମାଟିପକା, ଅଳଙ୍କାର ଧାରଣ, ରାତିରେ ବରାନୁଗମନ, ଶୁକ୍ରବାର ବିବାହ ପାଣିଗ୍ରହଣ, ଶନିବାର କନ୍ୟାବିଦାୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।



ଘେଁସର ଶୀତଳଷଷ୍ଠୀ ଲାଗି ଥାଳଉଠା କାର୍ଯ୍ୟକ୍ରମ ଚାଲିଛି ।

## ଅକ୍ଷୟ ତୃତୀୟାରେ ରଥକାମ ଶୁଭାରମ୍ଭ

**ମନମୁଣ୍ଡା, ୭।୫ (ଡି.ଏନ.ଏ)**

ମନମୁଣ୍ଡା ଦଧିବାମନ ଜୀଉ ମନ୍ଦିରରେ ପୂଜକ ଗୋପୀନାଥ ହୋତାଙ୍କ ପୌରୋହିତ୍ୟରେ ଅକ୍ଷୟ ତୃତୀୟା ଉପଲକ୍ଷେ ଅଖିମୁଠି ଅନୁକୂଳ ଓ ଭଗବାନ ପର୍ଶୁରାମଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ଏହି ଉତ୍ସବରେ ବ୍ରାହ୍ମଣ ସମାଜ ସଭାପତି ସତ୍ୟନାରାୟଣ ପାଣିଗ୍ରାହୀ, ସମ୍ପାଦକ ବୈଦ୍ୟନାଥ ହୋତା, ସଭ୍ୟ ହରିଶ୍ଚନ୍ଦ୍ର ହୋତା, ସ୍ୱାଧୀନ ହୋତା, ଆଶୁତୋଷ ହୋତା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ରଥକାମ ଶୁଭାରମ୍ଭ କରାଯାଇଥିଲା। ମନ୍ଦିର କମିଟି ସଭ୍ୟ ଗଣେଷ ଲୋଇ, ନରେନ୍ଦ୍ର ମେହେର, ବଜରଙ୍ଗ ମେହେର, ଗଣେଷ ତ୍ରିପାଠୀ, ରାଜା ଅଗ୍ରୱାଲ, ବିପ୍ରଚରଣ ବେହେରା, ଚନ୍ଦ୍ରଶେଖର ମେହେର ଉପସ୍ଥିତ ଥିଲେ ।

## ରାତି ୧୦ଟା ପରେ ଡିଜେ ମନା

**ବରଗଡ଼ ଅଫିସ୍,୭।୫**

ବରଗଡ଼ ସହରରେ ଡିଜେ ବଜାଇବା ଉପରେ ପୋଲିସ କଟକଣା ଜାରି କରିଛି। ଏ ନେଇ ମଙ୍ଗଳବାର ସ୍ଥାନୀୟ ଟାଉନ ଥାନାରେ ଏକ ବୈଠକ ବସିଥିଲା। ବୈଠକରେ ସହରର ଡିଜେ ମାଲିକମାନେ ଉପସ୍ଥିତ ଥିଲେ। ଡିଜେ ଯୋଗୁ ସହରରେ ଶବ୍ଦ ପ୍ରଦୂଷଣ ହେଉଥିବା ଯୋଗୁ ରାତ୍ରି ୧୦ଟା ପରେ ଡିଜେ ନ ବଜାଇବା ପାଇଁ ଥାନା ଅଧିକାରୀ ମାନସ ପ୍ରଧାନ ପରାମର୍ଶ ଦେଇଥିଲେ। ରାତ୍ରି ୧୦ଟା ପରେ ଡିଜେ ବାଜିଲେ ସେ ନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ସୂଚାଇ ଦେଇଥିଲେ ।

# ଅଖିମୁଠି ଅନୁକୂଳ କଲେ ଜିଲାପାଳ

**ବରଗଡ଼ ଅଫିସ୍/ଅତାବିରା,୭।୫**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଗମ୍ଭାରୀପାଲି କୃଷିବିଜ୍ଞାନ କେନ୍ଦ୍ରରେ ମଙ୍ଗଳବାର ଅକ୍ଷୟ ତୃତୀୟା ଅବସରରେ ଜିଲାସ୍ତରୀୟ କୃଷକ ଦିବସ ପାଳିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୂମିପୂଜା ସହିତ ଅକ୍ଷିମୁଠି ଅନୁକୂଳ କରିଥିଲେ। ପରେ କୃଷି ବୈଜ୍ଞାନିକ ଓ ଚାଷୀଙ୍କ ମଧ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଜିଲା କୃଷି ଉପନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀ ସ୍ୱାଗତ ଭାଷଣ ଦେଇ କୃଷିବିଭାଗର ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଚିନାବାଦାମ, ମୁଗ, ବିରି, ହରଡ଼, ମାଣ୍ଡିଆ, କପା ଆଦି ଅଣଧାନ ଫସଲ ଚାଷ ପାଇଁ ସେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ମାଟି ପରୀକ୍ଷା କରିବା, ସେବା ସମବାୟ ସମିତିରୁ ବିହନ ଓ ସାର କ୍ରୟ କରିବା, ପୋକମରା ଔଷଧ କିଣିବା ସମୟରେ ବିଲ୍ ଆଣିବା, ଅଣଚାଷୀ ଓ ଚାଷୀମାନେ ଫସଲବୀମା କରିବା ଉପରେ ମଧ୍ୟ ଜିଲା କୃଷି ଉପନିର୍ଦ୍ଦେଶକ ଗୁରୁତ୍ୱାରୋପ କରିଥିଲେ। ସରକଣ୍ଡାର ମହାନନ୍ଦ ବୁଦ୍ଧିଆ ଅଭିନବ କୃଷି ଯନ୍ତ୍ରପାତି, ଗ୍ରୀଣ୍ଡୋଲାର ଅଗସ୍ତି ସାହୁ ଜୈବିକ ଧାନ, ବଉଲସିଂହାର ଶ୍ରୀମୁଖ ସାହୁ ପନିପରିବା ପାଇଁ ଶ୍ରେଷ୍ଠ କୃଷକ ସମ୍ମାନରେ ସମ୍ବର୍ଦ୍ଧିତ ହୋଇଥିଲେ। ଉକ୍ତ ଉତ୍ସବରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଅନିଳ କୁମାର ମହାନ୍ତି, ନୃସିଂହ ଚରଣ ବାରିକ ଏବଂ ଅନ୍ୟ ବୈଜ୍ଞାନିକ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ସୁଶୀଳ କୁମାର ସେଠ, ସହକାରୀ ଜିଲା ପ୍ରାଣୀ ସମ୍ପଦ ଅଧିକାରୀ ଡା. ଦିଲୀପ କୁମାର ପଣ୍ଡାଙ୍କ ସମେତ ଅନ୍ୟ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।



ଅକ୍ଷୟତୃତୀୟା ଅବସରରେ ବରଗଡ଼ ଜିଲାପାଳ ଅଖିମୁଠି ଅନୁକୂଳ କରୁଛନ୍ତି ।

**ବିଜେପୁର, (ଡି.ଏନ.ଏ)**

ବିଜେପୁର ବ୍ଲକ ମସନାବାହାଲରେ ବ୍ଲକସ୍ତରୀୟ ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। ସହକାରୀ କୃଷି ଅଧିକାରୀ ଲକ୍ଷ୍ମୀପ୍ରସାଦ ପଟେଲ ଅଖିମୁଠି ଅନୁକୂଳ କରିଥିଲେ। ପରେ ସ୍ଥାନୀୟ ଅଞ୍ଚଳର ଅଗ୍ରଣୀ ଚାଷୀମାନଙ୍କୁ ନେଇ ଏକ ସାଧାରଣ ସଭା ହୋଇଥିଲା । ସହକାରୀ କୃଷି ଅଧିକାରୀ ଲକ୍ଷ୍ମୀପ୍ରସାଦ ପଟେଲଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ତହସିଲଦାର ନାରାୟଣ ସାହୁ, ବ୍ଲକ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା. ଗିରିଧାରୀ ଭୋଇ, ଉଦ୍ୟାନ ବିଭାଗ ଅଧିକାରୀ ସତ୍ୟବ୍ରତ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଲାଉମୁଣ୍ଡା ସହକାରୀ କୃଷି ଅଧିକାରୀ କଳ୍ପନା ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ବିଭାଗୀୟ କର୍ମଚାରୀ, ଗ୍ରାମ୍ୟକୃଷି ଅଧିକାରୀ, କୃଷକ ସାଥୀ ସହଯୋଗ କରିଥିଲେ ।

**ପାଇକମାଳ,(ଡି.ଏନ.ଏ)**

ପାଇକମାଳ କୃଷି କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ କୃଷକ ଦିବସ ତଥା ଅକ୍ଷୟ ତୃତୀୟା ପାଳନ କରାଯାଇଛି । ବରଗଡ ଆତ୍ମା ତରଫରୁ ଅନୁଷ୍ଠିତ ଏକ ସଭାରେ ପାଇକମାଳ ବିଡିଓ ସଦାଶିବ ନାୟକ ମୁଖ୍ୟଅତିଥି, ଏଏଫଓ ରମେଶ ଚନ୍ଦ୍ର ସେଠୀ, ସୌମ୍ୟରଞ୍ଜନ ପଟ୍ଟନାୟକ, କ୍ଷିତିଶ ଚନ୍ଦ୍ର ସୁନାନୀ ଯୋଗଦେଇ ଅକ୍ଷୟ ତୃତୀୟା ସହିତ କୃଷକ ମାନଙ୍କର ଚାଷ ଆରମ୍ଭ ବିଷୟରେ ଦିଗ୍‌ଦର୍ଶନ ଦେଇଥିଲେ। ସଭାରେ ଏଏଓ ଝୁମି ମେହେର ସଭାପତିତ୍ୱ କରିଥିଲେ । ଯୋଗେଶ୍ୱର ପଟେଲ ଅତିଥି ପରିଚୟ ଦେଇଥିବା ବେଳେ ସୁରେନ୍ଦ୍ର ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଭିନ୍ନ ଅଞ୍ଚଳରୁ ୬୮ ଜଣ ଚାଷୀ ଯୋଗଦାନ କରିଥିଲେ ।

# ବରଗଡ଼ରେ ଜୟଦେବ ଜୟନ୍ତୀ ସମାରୋହ

**ବରଗଡ଼ ଅଫିସ୍,୭।୫**

ବରଗଡ଼ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ମଙ୍ଗଳବାର ଗୀତ ଗୋବିନ୍ଦର ସ୍ରଷ୍ଟା ଶ୍ରୀ ଜୟଦେବଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଛି । ଏହି ଅବସରରେ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମାରୋହରେ ଅତିରିକ୍ତ ଜିଲାପାଳ ତପିରାମ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଜୟଦେବଙ୍କ ଅନନ୍ୟ ଭଗବତ୍ ପ୍ରେମର ଲାଳିତ୍ୟ ପଦାବଳୀ ଯୁଗେ ଯୁଗେ ସମାଜକୁ ସ୍ନେହ, ପ୍ରେମ, ମମତାର ବାର୍ତ୍ତା ଦେଇ ଆସୁଥିବ ବୋଲି ତାଙ୍କ ବକ୍ତବ୍ୟରେ ଅଭିହିତ କରିଥିଲେ। ସେହିପରି ପଣ୍ଡରିପାଣି, ଆମ୍ଭଷଢ଼ାର ସଂକୀର୍ତ୍ତନ ଦଳ, ବିଜେପୁରର କରମା ଦଳ ଯୋଗଦେଇ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଗୀତଗୋବିନ୍ଦ ଓ ଜୟଦେବଙ୍କ ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅବସରପ୍ରାପ୍ତ ଶିକ୍ଷକ ତଥା କବି ମନୋରଞ୍ଜନ ସାହୁ, ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜର ପ୍ରଦୀପ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶରତ ଚନ୍ଦ୍ର ପାଢ଼ୀ ଓ ଆସ୍ଥା ମହାପାତ୍ର ଗୀତଗୋବିନ୍ଦର ଲଳିତ ପଦାବଳୀର ସଙ୍ଗୀତ ପରିବେଷଣ କରିଥିଲେ। ଉତ୍ସବରେ ବରଗଡ଼ର ବହୁ ବୁଦ୍ଧିଜୀବି, କଳାକାର, ଜିଲାସ୍ତରୀୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ସଂସ୍କୃତି ଅଧିକାରୀ କଲ୍ୟାଣୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ର ଆରମ୍ଭରୁ ସ୍ଥାନୀୟ ସଂସ୍କୃତି ଭବନରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା ।

# ଅକ୍ଷୟ ତୃତୀୟାରେ ଅଖିମୁଠି ଅନୁକୂଳ

**ଭଟଲି,୭।୫(ଡି.ଏନ.ଏ)**

ଭଟଲି ବ୍ଲକ ସୁକୁଡ଼ା ପଞ୍ଚାୟତ ଅନ୍ତର୍ଗତ ନଳିବୁଆଁ ଗ୍ରାମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଭଟଲି କୃଷି ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଏବଂ ମୁଠିଛୁଆଁ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଭଟଲି କୃଷି ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଭଟଲି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଳୟ ଶତପଥି, ସହକାରୀ ବିହନ ପ୍ରମାଣନ ଅଧିକାରୀ ଆଶିଷ ପାଣିଗ୍ରାହୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ ନିତ୍ୟାନନ୍ଦ ରାୟ, ଉଦ୍ୟାନ କୃଷି ଅଧିଦର୍ଶକ ରାମକୃଷ୍ଣ ଭୋଇ, କୃଷକ ଉପଦେଷ୍ଟା କମିଟି ସଭାପତି ଜୟନାରାୟଣ ସାହୁ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ । ଅଖି ମୁଠି ଅନୁକୂଳ ହେବା ପରେ ସହକାରୀ କୃଷି ଅଧିକାରୀ ରାଜୀବ ଲୋଚନ ମିଶ୍ର ବିଲରେ ବିହନ ବୁଣିଥିବା ବେଳେ ବିଟିଏମ୍ ଗୁରୁପ୍ରସାଦ ନାଏକଙ୍କ ସମେତ ସରପଞ୍ଚ, ସମିତିସଭ୍ୟ ଏବଂ ଗ୍ରାମ୍ୟ କୃଷି କର୍ମଚାରୀ ସହଯୋଗ କରିଥିଲେ । କୃଷି ଅଧିଦର୍ଶକ ପ୍ରମୋଦ ଦଣ୍ଡସେନା ତଥା ନଳିବୁଆଁ ଗ୍ରାମର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ନୀତାଞ୍ଜଳି ବିଶି ଧନ୍ୟବାଦ ଦେଇଥିଲେ ।

# ସିବିଏସ୍‌ଇ ଦଶମ ପରୀକ୍ଷାରେ ବିକାଶ ଗ୍ରୁପ୍‌ର ବାଜିମାତ୍

**ବରଗଡ଼ ଅଫିସ୍,୭।୫**

ଚଳିତବର୍ଷ ସିବିଏସଇ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ବିକାଶ ଗ୍ରୁପର ସର୍ବାଧିକ ୧୬୯ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ଏବଂ ୩୫୭ଜଣ ଛାତ୍ରୀଛାତ୍ର ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ଅନୁଷ୍ଠାନ ପାଇଁ ପଶ୍ଚିମ ଓଡ଼ିଶାରେ ରେକର୍ଡ଼ ସୃଷ୍ଟି କରିଛନ୍ତି । ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ପ୍ରତିଶତ ରଖିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବରଗଡ଼ ଶାଖାର ୯୦ଜଣ, ଭୁବନେଶ୍ୱର ଶାଖାର ୫୫ଜଣ, ସମ୍ବଲପୁର ଶାଖାର ୧୭ଜଣ, ବିକାଶ ପରିଚାଳିତ ସିମେଣ୍ଟନଗର ଇଂଲିଶ ମିଡ଼ିୟମ ସ୍କୁଲର ୭ଜଣ ରହିଛନ୍ତି । ସେହିପରି ୮୦ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବରଗଡ଼ ଶାଖାର ୧୯୩ଜଣ, ଭୁବନେଶ୍ୱର ଶାଖାର ୧୧୭ଜଣ, ସମ୍ବଲପୁର ଶାଖାର ୩୧ଜଣ ଏବଂ ସିମେଣ୍ଟନଗର ଇଂଲିଶ ମିଡ଼ିୟମ ସ୍କୁଲର ୧୫ଜଣ ଅଛନ୍ତି। ସମୁଦାୟ କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬୦୪ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୧୭ଜଣ ବିକାଶର ବରଗଡ଼ ଶାଖା, ୧୯୨ଜଣ ଭୁବନେଶ୍ୱର ଶାଖା, ୬୬ଜଣ ସମ୍ବଲପୁର ଶାଖାର ହୋଇଥିବାବେଳେ ୨୯ଜଣ ସିମେଣ୍ଟନଗର ଇଂଲିସ ମିଡ଼ିୟମ ସ୍କୁଲର ଅଟନ୍ତି । ଭୁବନେଶ୍ୱର ଶାଖାର ଶାସ୍ୱତୀ ପ୍ରୀତିପର୍ଣ୍ଣା ୯୯.୨ ପ୍ରତିଶତ ମାର୍କ ରଖି ବିକାଶ ଗ୍ରୁପ୍ ଟପ୍ପର ହୋଇଛନ୍ତି ।

ସେହିପରି ଓମ୍ ଅନିକେତ ଦାସ ଓ ପିୟୁଷ ଜୈନ ସର୍ବାଧିକ ୯୭.୮, ଅନ୍ୱେଷା ମିଶ୍ର ଓ ତୁଷାର ସାହୁ ୯୭.୬, ଦେବଦର୍ଶନ ପାଢ଼ୀ ୯୭.୪, ସମ୍ବିତ ସାହୁ ୯୭.୨, ଆଶିଷ ତ୍ରିପାଠୀ ୯୬.୮, ଅଦ୍ୱୈତ କୁମାର ଦାଶ, ତୁଳସୀ ଅଗ୍ରୱାଲ, ଆଦର୍ଶ କୁମାର ତରିଆ, ବିବେକ ପ୍ରିୟଦର୍ଶୀ ଭୋଇ ୯୬.୨, ପ୍ରତ୍ୟୁଷ କୁମାର ଭୁକ୍ତା, ବିବେକ କୋରାହ, ସ୍ନୋହିତ କୁମାର ସରାଫ, ଆଶୁତୋଷ ପ୍ରିୟଦର୍ଶୀ ୯୬ ପ୍ରତିଶତ ଲେଖାଏଁ ମାର୍କ ରଖି କୃତୀ ତାଲିକାର ଶୀର୍ଷରେ ରହିଛନ୍ତି । ଛାତ୍ରୀଛାତ୍ରଙ୍କ ଏଭଳି ସଫଳତା ପାଇଁ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକାଡ଼େମିକ ଡାଇରେକ୍ଟର ଭି. ଶ୍ରୀନିବାସ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ସ୍କୁଲର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ (ସେକେଣ୍ଡାରୀ) ମନୋରଞ୍ଜନ ପତି, ବିକାଶ ଆବାସିକ ସ୍କୁଲ ସମୂହର ଡିନ୍ ପିତାମ୍ବର ଦାସ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।



ଓମ ଅନିକେତ ଦାସ।



ପୀୟୁଷ ଜୈନ।



ଅନ୍ୱେଷା ମିଶ୍ର।



ତୁଷାର ସାହୁ ।



ଦେବଦର୍ଶନ ପାଢ଼ୀ ।



ସମ୍ବିତ ସାହୁ ।



ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡିଦିଏ।

-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ



## ସଂକ୍ଷେପରେ



### ସିବିଏସ୍‌ଇ ପରୀକ୍ଷାରେ ଆଦର୍ଶ ବିଦ୍ୟାଳୟ ଛାତ୍ରୀଙ୍କ କୃତିତ୍ୱ

**ବଲାଙ୍ଗୀର ଅଫିସ,୭।୫:** ମହାମୁଣ୍ଡାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ରଶ୍ମିମୟୀ ରଣା ସିବିଏସ୍‌ଇ ପରୀକ୍ଷାରେ ୯୧ ପ୍ରତିଶତ ମାର୍କ ରଖି ପୁଇଁନ୍ତଲା ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରି ଗୌରବ ଅର୍ଜନ କରିଥିବା ଜଣାପଡିଛି । ବଲାଙ୍ଗୀର ଜିଲା ପୁଇଁନ୍ତଲା ବ୍ଲକ ସୁର୍ଡା ଗ୍ରାମର କରୁଣାକର ରଣା ଏବଂ କଲ୍ୟାଣୀ ରଣାଙ୍କ କନ୍ୟା ରଶ୍ମିମୟୀ ନୃତ୍ୟ ଓ ଅଭିନୟ କ୍ଷେତ୍ରରେ ମଧ ବେଶ୍ ରୁଚି ରଖିଛନ୍ତି। କୃତୀ ଛାତ୍ରୀ ରଣାଙ୍କ ଏହି ସଫଳତା ପାଇଁ ତାଙ୍କୁ ଶିକ୍ଷକ ଓ ଶିକ୍ଷାପ୍ରେମୀମାନେ ଶୁଭେଚ୍ଛା ଜଣାଇଛନ୍ତି।

### ମୁମୂର୍ଷୁ ନାବାଳିକା ଉଦ୍ଧାର ଘଟଣା, ବରପାଲି ପୋଲିସ କଲା ଛାନ୍‌ଭିନ୍

**ବଲାଙ୍ଗୀର ଅଫିସ, ୭।୫:** ପୁଇଁନ୍ତଲା ଥାନା ଅଧୀନ ଗଣ୍ଡବାହାଲ ଅଞ୍ଚଳର ବିଭୀଷଣ ନାମକ ଜଣେ ଯୁବକ ଜଣେ ନାବାଳିକାଙ୍କୁ ଧରି ଫେରାର ହୋଇଯାଇଥିଲେ । ଗତ ରବିବାର ମୁମୂର୍ଷୁ ଅବସ୍ଥାରେ ନାବାଳିକା ଜଣକ ତରଭା ଥାନା ତଥା ମେଣ୍ଡା ଫାଣ୍ଡି ଅନ୍ତର୍ଗତ ତିଲେଇମାଲ ଜଙ୍ଗଲ ନିକଟରେ ପଡିଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲରେ ଭର୍ତ୍ତି କରିଥିଲା। ଏନେଇ ନାବାଳିକାଙ୍କ ପରିବାର ଲୋକେ ବିଭୀଷଣଙ୍କ ନାଁରେ ତରଭା ଥାନାରେ ଏକ ଅଭିଯୋଗ କରିଥିଲେ। ହେଲେ ସୋମବାର ବିଭୀଷଣ ମଧ ଗୁରୁତର ଅବସ୍ଥାରେ ବଲାଙ୍ଗୀର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ନାବାଳିକାଙ୍କ ପରିବାର ଲୋକେ ମାଡ ମାରିଥିବା ବିଭୀଷଣ ଅଭିଯୋଗ କରିବା ପରେ ଘଟଣା ଭିନ୍ନ ମୋଡ ନେଇଛି। ଅନ୍ୟପକ୍ଷେ ଘଟଣାଟି ବରପାଲି ଅଞ୍ଚଳରେ ହୋଇଥିବାରୁ ମାମଲାଟି ତରଭା ଥାନାରୁ ବରପାଲି ଥାନାକୁ ସ୍ଥାନାନ୍ତରିତ ହୋଇଥିବା ଜଣାପଡିଛି। ସୋମବାର ବରପାଲି ପୋଲିସ ଭୀମ ଭାଇ ମେଡିକାଲ ହସ୍ପିଟାଲରେ ପହଞ୍ଚି ବିଭୀଷଣ ଏବଂ ନାବାଳିକାଙ୍କ ବୟାନ୍ ରେକର୍ଡ କରିଥିବା ଜଣାପଡିଛି। ତେବେ ଉଭୟ ଗୁରୁତର ହେବା ଘଟଣା ପଛର ପ୍ରକୃତ କାରଣ ଜଣାପଡିନାହିଁ।

### ଫନୀ ବାତ୍ୟା ପ୍ରଭାବିତଙ୍କ ଲାଗି ପଲିଥିନ ପ୍ରେରଣ

**ଦେବଗଡ,୭।୫(ସ୍ୱ.ପ୍ର.) :** ଦେବଗଡ଼ ଜିଲାରୁ ଫନୀ ବାତ୍ୟା ପ୍ରଭାବିତ ଖୋର୍ଦ୍ଧା ଜିଲାକୁ ୧୫୦ ରୋଲ ପଲିଥିନ ପଠାଯାଇଛି ।

ଜିଲାସ୍ତରୀୟ କୃଷକ ଦିବସ ପାଳନ

# ଅଖିମୁଠି ଅନୁକୂଳ କଲେ ଚାଷୀ, ଜିଲାପାଳ

**ବଲାଙ୍ଗୀର ଅଫିସ, ୭।୫**

ବଲାଙ୍ଗୀର ନିକଟ ସିନ୍ଦୂରବାହାଲ ଗାଁରେ ଜିଲା କୃଷକ ମହାସଂଘ ପକ୍ଷରୁ ମଙ୍ଗଳବାର ପବିତ୍ର ଅକ୍ଷୟତୃତୀୟା ପାଳିତ ହୋଇଯାଇଛି। ସିନ୍ଦୁରବାହାଲ ମାଉସୀମାଁ ମନ୍ଦିର ପ୍ରାଙ୍ଗଣରେ ଚାଷୀମାନେ ପାରମ୍ପରିକ ପୂଜାର୍ଚ୍ଚନା କରି ଚଳିତ ବର୍ଷ କିଭଳି ଚାଷ, ପାଣିପାଗ ହାଲଚାଲ ରହିବ ପୂଜକଙ୍କ ନିକଟରୁ ବୁଝିଥିଲେ। ଏଥିରେ ଜିଲା କୃଷକ ମହାସଂଘ ସଭାପତି ଡା. ସୁଧୀର କୁମାର ପରିଚ୍ଛା ଯୋଗ ଦେଇଥିଲେ। ପୂଜକ ପାଞ୍ଜି ଦେଖିବା ସହ ଚଳିତବର୍ଷ ଭଲ ବର୍ଷା, ଚାଷ ଓ ଅମଳ ପୂର୍ବାନୁମାନ କରି ଶୁଭ ମୁହୂର୍ତ୍ତରେ ଅଖିମୁଠି ଅନୁକୂଳ କରିବା ପାଇଁ କହିଥିଲେ। ଏହି ଅବସରରେ ଚାଷୀନେତା ଡା. ପରିଚ୍ଛା ଅଖୀମୁଠି ଅନୁକୂଳ କରିଥିଲେ । ପରେ ଚାଷୀମାନେ ଜମିରେ ହଳ କରିଥିଲେ। ଶ୍ରୁତିମଧୁର ହଳିଆଗୀତ ସୂରେ ଅକ୍ଷୟତୃତୀୟା ଉତ୍ସବ ମୁଖର ହୋଇଥିଲା । ଜିଲା କୃଷକ ସଂଘ ସଭାପତି ଡା. ପରିଚ୍ଛା ଅକ୍ଷୟ ତୃତୀୟା ପାଳନର ମହତ୍ତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଚଳିତବର୍ଷ ଉପକୂଳ ଓଡ଼ିଶାର ଚାଷୀ ଫନୀ ପ୍ରଭାବରେ ସର୍ବସ୍ୱାନ୍ତ ହୋଇଥିବାରୁ ସେମାନଙ୍କ ଉଦ୍ଦେଶ୍ୟରେ ଦୁଃଖ ପ୍ରକାଶ କରି ସେମାନେ କିଭଳି ସକ୍ଷମ ହୋଇ ପୁଣି ଥରେ ଚାଷ କାର୍ଯ୍ୟ କରି ଉନ୍ନତି କରିବେ ସେନେଇ ପ୍ରାର୍ଥନା କରିଥିଲେ। ଉତ୍ସବରେ ସିନ୍ଦୂରବାହାଲ ଗାଁର ଚାଷୀ ହୃଦ ଡାଙ୍ଗ, ବୁଧୁ ଗୁରୁହାଣ୍ଡି, ଶ୍ରୀରାମ ଗୁରୁହାଣ୍ଡି, ପ୍ରଦୀପ ପାଣିଗ୍ରାହୀ, ତପନ ପାଣିଗ୍ରାହୀ, ଭକ୍ତୋ ପାତ୍ର, ଜଗନ୍ନାଥ ପାତ୍ର, ଭାଗୀରଥି ଗୁରୁହାଣ୍ଡି, ଭରତ ଗୁରୁହାଣ୍ଡି, ନିପନ ପାଣିଗ୍ରାହୀ, କସ୍ତୁଭ ପୋଡ଼, ପରମାନନ୍ଦ ଗୁରୁହାଣ୍ଡିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।




ସିନ୍ଦୂରବାହାଲ ଗାଁରେ ଚାଷୀମାନେ ଅକ୍ଷୟତୃତୀୟା ଅବସରରେ ଅଖିମୁଠି ଅନୁକୂଳ କରୁଛନ୍ତି (ବାମ)। ଲର୍କିପାଲିଠାରେ ଜିଲାସ୍ତରୀୟ ଅକ୍ଷୟତୃତୀୟା ଓ କୃଷି ଦିବସ ପାଳନ ଅବସରରେ ଜିଲାପାଳ ଅରିନ୍ଦମ ଡାକୁଆ ହଳ ବୁଲାଉଛନ୍ତି ।

**ଅକ୍ଷୟତୃତୀୟା**
- ଫନୀ ପ୍ରଭାବିତ ଚାଷୀଙ୍କ ଉନ୍ନତି ପାଇଁ ପ୍ରାର୍ଥନା
- ଚଳିତ ବର୍ଷ ଭଲ ଫସଲ ଅମଳ ହେବା ଆଶା ରଖିଲେ

ଅକ୍ଷୟ ତୃତୀୟା ଅବସରରେ ବଲାଙ୍ଗୀର ଲର୍କିପାଲିସ୍ଥିତ ରାଜେନ୍ଦ୍ର କୃଷି ଫାର୍ମରେ ଜିଲା କୃଷି ବିଭାଗ ପକ୍ଷରୁ ଜିଲାସ୍ତରୀୟ କୃଷକ ଦିବସ ଓ ପବିତ୍ର ଅକ୍ଷୟତୃତୀୟା ପାଳନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ଅରିନ୍ଦମ ଡାକୁଆ ଯୋଗଦେଇ ଅଖିମୁଠି ଅନୁକୂଳ କରିଥିଲେ। ପୂଜାର୍ଚ୍ଚନା ପରେ ଜିଲାପାଳ ଡାକୁଆ ଜମିରେ ହଳ ଚଲାଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ କୃଷି ଉପନିର୍ଦ୍ଦେଶକ ଶ୍ରୀଧର ଦାସ ଅଧକ୍ଷତା କରିଥିବା ବେଳେ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଉଠାଜଳସେଚନ ନିଗମ ନିର୍ବାହୀ ଯନ୍ତ୍ରୀ ସ୍ନେହେନ୍ଦୁ କୁମାର ପଟେଲ, ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡା.ଗଗନ ବିହାରୀ ରାଉତରାୟ, ସହକାରୀ ମତ୍ସ୍ୟ ଅଧିକାରୀ ଇତିଶ୍ରୀ ରଥ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଆଶିଷ ଦାସ, ବଲାଙ୍ଗୀର ଆକାଶବାଣୀ କେନ୍ଦ୍ର ମୁଖ୍ୟ ଲକ୍ଷ୍ମଣ କୁମାର ପଣ୍ଡା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ସହକାରୀ କୃଷି ଅଧିକାରୀ ହରେକୃଷ୍ଣ ପଣ୍ଡାଙ୍କ ସମେତ କୃଷି, ଉଦ୍ୟାନ, ଜଳଛାୟା ଓ ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ପାଣିରେ ବୁଡ଼ି ଟ୍ରାକ୍ଟର ଡ୍ରାଇଭର ମୃତ

**ଖପ୍ରାଖୋଲ,୭।୫(ଡି.ଏନ.ଏ.)**

ଖପ୍ରାଖୋଲ ଥାନା ଅଧୀନ ସର୍ଗିପାଲି ତାମିପଦର ରାସ୍ତା କଟଙ୍ଗିନାଲା ଏକ ଅସ୍ଥାୟୀ ଚହଲାରେ ବୁଡି ଜଣେ ଟ୍ରାକ୍ଟର ଡ୍ରାଇଭରଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ହେଲେ ରାଜସ୍ଥାନ ଗାର୍ଲିଆ ଜେସନମେର ଅଞ୍ଚଳର କାମନେ ଖାଁ(୩୨)। ମିଳିଥିବା ସୂଚନା ମୁତାବକ, କାମେନ ରାଜସ୍ଥାନରୁ ଟ୍ରାକ୍ଟର ଆଣି ଖପ୍ରାଖୋଲ ଅଞ୍ଚଳରେ ମାଟି କାମ କରୁଥିଲେ। ସୋମବାର ମଧ୍ୟାହ୍ନରେ କାମେନ କଟଙ୍ଗିନାଲାରେ ଖୋଲା ଯାଇଥିବା ଏକ ଅସ୍ଥାୟୀ ଚହଲାରେ ଗାଧୋଉଥିବା ବେଳେ ହଠାତ୍ ପାଣିରେ ବୁଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ ସଫଳ ହୋଇ ନ ଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହାୟତାରେ ମୃତଦେହ ଉଦ୍ଧାର କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଥିଲା। ମୃତଦେହ ଗାଁକୁ ନିଆଯାଇଥିବା ଜଣାପଡିଛି। ଏ ନେଇ ଖପ୍ରାଖୋଲ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧/୧୯) ରୁଜୁକରି ପୋଲିସ ଘଟଣା ଅଧୀନ ତଦନ୍ତ ଚଳାଇଥିବା ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତି ରଞ୍ଜନ ପତି ପ୍ରକାଶ କରିଛନ୍ତି।

ଝରବାହାଲି ହତ୍ୟା ଘଟଣା

## ମହିଳାଙ୍କ ସମ୍ପୃକ୍ତି ଅଭିଯୋଗ କଲେ ଗ୍ରାମବାସୀ

**ସଇଁତଲା, ୭।୫ (ଡି.ଏନ.ଏ.)**

ସଇଁତଲା ଥାନା ଟିକ୍ରାପଡ଼ା ଫାଣ୍ଡି ଅନ୍ତର୍ଗତ ଝରବାହାଲି ଗ୍ରାମରେ ଗତ ୨୩ତାରିଖ ବିଳମ୍ବିତ ରାତିରେ ହୋଇଥିବା ହତ୍ୟା ଘଟଣା ଭିନ୍ନ ମୋଡ ନେଇଛି। ସୋମବାର ରାତିରେ ଝରବାହାଲି ଗ୍ରାମବାସୀ ସଇଁତଲା ଥାନାରେ ପହଞ୍ଚି ହତ୍ୟା ଘଟଣା ପଛରେ ଜନୈକା ମହିଳାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ଝରବାହାଲି ଗ୍ରାମରେ ଗତ ୨୩ତାରିଖ ରାତିରେ ଟିକ୍ରାପଡ଼ା କଲେଜରେ ପିଅନ କାମ କରୁଥିବା ଜଗଦୀଶ ମନହୀରାଙ୍କୁ ତାଙ୍କ କୁକୁଡା ଫାର୍ମରେ ଶୋଇଥିବାବେଳେ ଉକ୍ତ ଗ୍ରାମର ଗଣେଶ ବଗର୍ତ୍ତୀ ପିଟିପିଟି ହତ୍ୟା କରିଥିଲେ । ଏହି ଘଟଣାରେ ଗଣେଶ ଗିରଫ ହୋଇ ଜେଲ ଯାଇଛନ୍ତି। ଏହି ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗଣେଶଙ୍କ ଜଣେ ସମ୍ପର୍କୀୟା ହତ୍ୟାକାଣ୍ଡର ପୂର୍ବଦିନ ଗ୍ରାମରେ ଜଗଦୀଶଙ୍କୁ ହତ୍ୟା କରାଯିବ ବୋଲି କହି ବୁଲୁଥିବା ଗ୍ରାମବାସୀ ଶୁଣିଥିବା ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଗତ ୨୭ତାରିଖରେ ଟିକ୍ରାପଡ଼ା ଫାଣ୍ଡିରେ ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିଲେ । ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସୋମବାର ଝିଙ୍କିଡୁଙ୍ଗୁରୀ ସରପଞ୍ଚ ବଜରଙ୍ଗଲାଲ ଜୈନ, ଗୌନ୍ତିଆ ଚକ୍ରଧର ବଗର୍ତ୍ତୀ, ୱାର୍ଡସଭ୍ୟ ସାମନ୍ତ ପ୍ରଧାନୀ, ସରୋଜ ନାଏକ, ଯୁବରାଜ ବଗର୍ତ୍ତୀଙ୍କ ସହ ଗ୍ରାମର ବହୁ ବ୍ୟକ୍ତି ଥାନାକୁ ଯାଇ ଥାନା ଅଧିକାରୀ ବାରିଣୀ ଦାସଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଆଗାମୀ ୧୦ତାରିଖ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଟିକ୍ରାପଡ଼ା ଫାଣ୍ଡି ଘେରାଉ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଫନୀ ପ୍ରଭାବିତଙ୍କୁ ସହାୟତା

**ବଲାଙ୍ଗୀର ଅଫିସ, ୭।୫**

ବଲାଙ୍ଗୀର ରୋଟାରି କ୍ଲବ ପକ୍ଷରୁ ଜିଲା ପୋଲିସ ସହଯୋଗରେ ସାମୁଦ୍ରିକ ଝଡ ଫନୀ ପ୍ରଭାବିତ ଅଞ୍ଚଳର ଲୋକଙ୍କ ପାଇଁ ଟ୍ରକ ଯୋଗେ ଚୁଡା, ଚାଉଳ, ଗୁଡ, ବିସ୍କୁଟ, ଡାଲି, ଆଳୁ, ପିଆଜ, ମାଜିସ ବକ୍ସ ଏବଂ କ୍ୟାଣ୍ଡେଲ ସହ ପିଇବା ପାଣି ପଠାଯାଇଛି। ବଲାଙ୍ଗୀର ଆରକ୍ଷୀ ଅଧୀକ୍ଷକ କେ ସିବା ସୁବ୍ରମଣି ତଥା ସଦର ଉପଖଣ୍ଡ ଅଧିକାରୀ ଶ୍ରୀମନ୍ତ ବାରିକ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କୁମୁଦ ରଞ୍ଜନ ସେଠ ତଥା ରିଜର୍ଭ ଇନିସ୍‌ପେକ୍ଟର ଆଦିସ କୁମାର ସାହୁଙ୍କ ସହଯୋଗ ଏବଂ ତତ୍ତ୍ୱାବଧାନରେ ରିଲିଫ୍ ସାମଗ୍ରୀ ପଠାଯାଇଛି। ରୋଟାରି କ୍ଲବର ରିଲିଫ୍ ସାମଗ୍ରୀ ସହ ରିଜର୍ଭ ପୋଲିସ ପକ୍ଷରୁ ମଧ ଲକ୍ଷାଧିକ ଟଙ୍କାର ରିଲିଫ୍ ସାମଗ୍ରୀ ପଠାଯାଇଛି । ବଲାଙ୍ଗୀର ଚାଉଳ ମାଲିକ ସଂଘ ପକ୍ଷରୁ ୨୦ କୁଇଣ୍ଟାଲ ଚାଉଳ ଦିଆଯାଇଥିବା ବେଳେ ରୋଟାରି କ୍ଲବ ବଲାଙ୍ଗୀର ପକ୍ଷରୁ ଅନ୍ୟାନ୍ୟ ସାମଗ୍ରୀ ଦିଆଯାଇଛି । କ୍ଲବ ସଭାପତି ଡା. ଆକାଶ ଜୈନ, ବରିଷ୍ଠ ରୋଟାରିଆନ ଓମ୍ ପ୍ରକାଶ କାଉଣ୍ଟିଆ, ନକୁଳ ଅଗ୍ରୱାଲ, ନାଗରିକ କମିଟି ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ କେଡିଆ, କ୍ଲବ ସମ୍ପାଦକ ସମୀର ଅଗ୍ରୱାଲ, ପୂର୍ବତନ ସଭାପତି ସୁଶୀଲ ଅଗ୍ରୱାଲ, ସଞ୍ଜୟ ଅଗ୍ରୱାଲ, ସଙ୍ଗୀତ ଅଗ୍ରୱାଲ, ସଞ୍ଜୟ ଅଗ୍ରୱାଲ(ବି) ପ୍ରମୁଖ ଉପସ୍ଥିତ ରହି ଖାଦ୍ୟ ସାମଗ୍ରୀ ସଂଗ୍ରହ କରି ଟ୍ରକରେ ପଠାଇଛନ୍ତି। ରୋଟାରୀ କ୍ଲବର ଏଭଳି ସହଯୋଗ ପାଇଁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।




ବଲାଙ୍ଗୀର ରୋଟାରୀ କ୍ଲବ ପକ୍ଷରୁ ଫନୀ ପ୍ରଭାବିତ ଅଞ୍ଚଳକୁ ରିଲିଫ୍ ସାମଗ୍ରୀ ପଠାଯାଉଛି ।

## ଦେବଗଡ଼ରେ ଜୟଦେବ ଜୟନ୍ତୀ

**ଦେବଗଡ,୭।୫(ସ୍ୱ.ପ୍ର.)**

ସ୍ଥାନୀୟ ସୂଚନା କେନ୍ଦ୍ର ଓ ପାଠାଗାର ପରିସରରେ ଗୀତଗୋବିନ୍ଦ ରଚୟିତା ଜୟଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜୟଦେବଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ଅତିଥିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଯୋଗେଶ ଚନ୍ଦ୍ର ଦଳବେହେରା, ମାର୍କଣ୍ଡେଶ୍ୱର ଶତପଥୀ, ପ୍ରଫୁଲ୍ଲ କୁମାର ମହାପାତ୍ର ପ୍ରମୁଖ ଜୟଦେବଙ୍କ ଜୀବନୀ ଓ ତାଙ୍କର ମହାନ୍ କୃତି ଗୀତଗୋବିନ୍ଦ ଉପରେ ଆଲୋକପାତ କରିଥିଲେ । ମହାପାତ୍ର ଜୟଦେବଙ୍କ ଜୀବନୀ ଉପରେ ଏକ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଜାମୁନାଳି ଗ୍ରାମର ରାଣୀମା ଗୌରହରି ମାତୃ କୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ସୁର ସଂଗମ ସଂଗୀତ ମହାବିଦ୍ୟାଳୟର ଛାତ୍ରୀ ପଲ୍ଲକ, ରୂପାଲି, ଶୁଭଶ୍ରୀ, ସ୍ମୃତୀ ଓ ମାମୁନି ଏବଂ ଛାତ୍ର ଭୌମିକ, ଡୋଳା ଏବଂ ଯୁବରାଜ ଭଜନ ପରିବେଷଣ କରିଥିଲେ।

## ରକ୍ତଦାନ କଲେ ଆତ୍ମତୃପ୍ତି ମିଳେ

**ଲୋଇସିଂହା, ୭।୫(ଡି.ଏନ.ଏ.)**



ଶୁଭ୍ରାଂଶୁ ଶେଖର ସାହୁ

**ଭିନ୍ନ ମଣିଷ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଗ୍ରାମର ଶୁଭ୍ରାଂଶୁ ଶେଖର ସାହୁ(୪୩)। ଡେଜରାଟି ଦୋକାନ କରି ଗୁଜରାଣ ମେଣ୍ଟାନ୍ତି। ହେଲେ ନିଶା ତାଙ୍କର ରକ୍ତଦାନ କରିବା। ଅଦ୍ୟାବଧି ସେ ୪୮ ଥର ରକ୍ତଦାନ କରିଥିଲେଣି। ସୁସ୍ଥ ରହିଥିବା ଯାଏ ସେ ଏହି ମହତ କାର୍ଯ୍ୟ କରି ଚାଲିଥିବେ ବୋଲି କହିଛନ୍ତି। ରକ୍ତ ଅଭାବରୁ ଯେପରି କେହି ମୃତ୍ୟୁମୁଖରେ ନ ପଡନ୍ତୁ ଏହା ତାଙ୍କ ଜୀବନର ମୂଳଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି। ବୁର୍ଡା ଗ୍ରାମର ଅହଲ୍ୟା ସାହୁ ଓ ଗୁଣନିଧି ସାହୁଙ୍କ ୪ ଝିଅ,୨ପୁଅଙ୍କ ମଧ୍ୟରେ ସାନ ପୁଅ ଶୁଭ୍ରାଂଶୁ । ସ୍ତ୍ରୀ ମିତା ଓ ଏକମାତ୍ର ପୁଅକୁ ନେଇ ତାଙ୍କ ସଂସାର। ଶିକ୍ଷାରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ବଡଭାଇ ଶିକ୍ଷକତା କରୁଥିବାରୁ ବାପାଙ୍କ ବ୍ୟବସାୟକୁ ସେ ଆପଣାଇ ନେଇଥିଲେ। ଏଥିରୁ ଯାହା ରୋଜଗାର ହୁଏ, ସେଥିରେ ତାଙ୍କ ପରିବାର ହସଖୁସିରେ ଚଳେ। ଶୁଭ୍ରାଂଶୁଙ୍କ ରକ୍ତ ଗ୍ରୁପ ଏ ପଜିଟିଭ। ୧୯୯୩ ମସିହାରେ ବଡଭାଇଙ୍କ ଝିଅକୁ ସେ ପ୍ରଥମ ଥର ରକ୍ତଦାନ କରିଥିଲେ । ସେବେଠାରୁ ଦୀର୍ଘ ୨୬ ବର୍ଷ ହେଲା ନିୟମିତ ବ୍ୟବଧାନରେ ରକ୍ତଦାନ କରି ଆସୁଛନ୍ତି। ଗତ ଏପ୍ରିଲ ୧୧ ତାରିଖରେ ସେ ୪୮ତମ ରକ୍ତଦାନ କରିଥିଲେ । ରକ୍ତଦାନ ପରେ ଆଜିଯାଏ କୌଣସି ସମସ୍ୟା ହୋଇ ନାହିଁ। ବରଂ ସେ ସ୍ଫୂର୍ତ୍ତି ଅନୁଭବ କରିଥାନ୍ତି ବୋଲି କହିଛନ୍ତି। ଏବେ ନିୟମିତ ଭାବେ ମୋ ପାଖକୁ ରକ୍ତ ଦେବା ପାଇଁ ଫୋନ ଆସୁଛି। ଖୁସିର କଥା ରକ୍ତଦାନକୁ ନେଇ ପରିବାର ଲୋକେ କେବେ ଆପତ୍ତି କରିନାହାନ୍ତି, ବରଂ ଏଥିଯୋଗୁ ଅନ୍ୟର ଜୀବନ ବଞ୍ଚିଥାଏ ବୋଲି କହି ପ୍ରୋତ୍ସାହିତ କରିଥାନ୍ତି ବୋଲି କହିଛନ୍ତି ଶୁଭ୍ରାଂଶୁ । ଖାଲି ସେତିକି ନୁହେଁ, ୨୦୧୫ ମସିହାରେ ତାଙ୍କରି ଉଦ୍ୟମରେ ଗଠିତ ହୋଇଛି ବୁଡାରଜା ରକ୍ତଦାତା ସଂଘ। ଏଥିରେ ୭୦ ଜଣ ସଦସ୍ୟ ରହିଛନ୍ତି। ସମସ୍ତ ସଦସ୍ୟ ନିୟମିତ ଭାବେ ରକ୍ତଦାନ କରିଆସୁଛନ୍ତି। ରକ୍ତଦାନ ପାଇଁ ତାଙ୍କୁ ଅନେକ ଅନୁଷ୍ଠାନ ସମ୍ମାନିତ କରିଛନ୍ତି।

# କୃଷି ଯୋଜନାର ଫାଇଦା ଉଠାନ୍ତୁ ଚାଷୀ



ଅକ୍ଷୟତୃତୀୟା ଅବସରରେ ଟିଟିଲାଗଡ଼ଠାରେ ପୂଜାର୍ଚ୍ଚନା କରାଯାଉଛି।

**ଟିଟିଲାଗଡ଼, ୭।୫ (ଡି.ଏନ.ଏ.)**

**ଉପଖଣ୍ଡ ସ୍ତରୀୟ ଅକ୍ଷୟ ତୃତୀୟା ଉତ୍ସବ**

ଅକ୍ଷୟ ତୃତୀୟା ଅବସରରେ ମଙ୍ଗଳବାର ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପଖଣ୍ଡସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଉପଜିଲାପାଳ ସୁଧାକର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶଗଡ଼ଘାଟସ୍ଥିତ ସରକାରୀ ଉଦ୍ୟାନ କୃଷି ଜମିରେ ଅଖିମୁଠି ଅନୁକୂଳ କରିଥିଲେ। ପରେ ଟିଟିଲାଗଡ଼ ଜିଲା କୃଷି ଅଧିକାରୀ ବାଳକୃଷ୍ଣ ଗୌଡଙ୍କ ଅଧକ୍ଷତାରେ ଅନୁଷ୍ଠିତ ଚାଷୀ ସଭାରେ କୃଷି, ଉଦ୍ୟାନ କୃଷି, ପ୍ରାଣୀ ଚିକିତ୍ସା, ମତ୍ସ୍ୟ, ଉଠା ଜଳସେଚନ, ମେଗା ଉଠା ଜଳସେଚନ ପ୍ରମୁଖ ବିଭାଗୀୟ ଅଧିକାରୀ କୃଷିକ୍ଷେତ୍ରର ବିକାଶ ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଚାଷୀଙ୍କୁ ଅବଗତ କରିଥିଲେ। କୃଷି ଯୋଜନାର ଫାଇଦା ଚାଷୀମାନେ ନେବାକୁ ଆହ୍ୱାନ ଦିଆଯାଇଥିଲା। ଉପଜିଲାପାଳ ନାୟକ ଅକ୍ଷୟତୃତୀୟା ପର୍ବ ଅବସରରେ ଅଭିନନ୍ଦନ ଜଣାଇବା ସହ ଚାଷୀଙ୍କୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ତହସିଲଦାର ସ୍ୱଦୀପ ଟପୋ, ଏଡିଏଚ୍ ହିମାଂଶୁ ଶେଖର ସାହୁ, ମେଗା ଉଠା ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଭୂତି ଭୂଷଣ ମାଝି, ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀ ଅମୃତ ବାଗ, ଏଏଓ ଭାସ୍ୱତି ଆଚାର୍ଯ୍ୟ, ଏଚଓ ନିତ୍ୟାନନ୍ଦ ସାହୁ, ବୈକୁଣ୍ଠ ପାଣିଗ୍ରାହୀ, ଭିଏଡବ୍ଲୁ ନନ୍ଦକିଶୋର ପ୍ରଧାନ, ସୁଶାନ୍ତ ଖରା, ଲବଣୀ ସାହୁ, ନବୀନ ନାୟକ, ବିଦୂର ଜାଳ, ଯୁବରାଜ ମାଝି, ଏଲ୍‌ଇଭିଏଡବ୍ଲୁ ରୂପାଞ୍ଜଳି କୁମ୍ଭାର, ଗୋଦାବରୀ ମାଝି, ପଙ୍କଜିନୀ ପ୍ରଧାନ, ଆରତି ବାଗ ପ୍ରମୁଖ ସରକାରୀ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାଷୀନେତା ବୈବସ୍ୱତ ସାହୁ, ସୁରେନ୍ଦ୍ର ପ୍ରଧାନ, ମୁନିରାମ ବେହେରା, ବିଷ୍ଣୁ ଝାଙ୍କର, ସମିତି ସଭ୍ୟା ବବିତା ସାହୁ, ନାଏବ ସରପଞ୍ଚ ତହସିଲ ସାହୁ, କୈବର୍ତ୍ତ ବାଗ, ଯଦୁମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଖପ୍ରାଖୋଲରେ ବ୍ଲକସ୍ତରୀୟ କୃଷକ ଦିବସ

**ଖପ୍ରାଖୋଲ,୭।୫(ଡି.ଏନ.ଏ.)**

ଅକ୍ଷୟ ତୃତୀୟା ଅବସରରେ ସ୍ଥାନୀୟ କୃଷିସୂଚନା ଓ ପରାମର୍ଶ କେନ୍ଦ୍ର ନିକଟ ଚାଷ ଜମିରେ କୃଷି ବିଭାଗ ପକ୍ଷରୁ ବ୍ଲକସ୍ତରୀୟ କୃଷକ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସହକାରୀ କୃଷି ଅଧିକାରୀ ତୁଷାର ରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାଟି ପୂଜା, ଗୋ ପୂଜନ ସହ ବ୍ରାହ୍ମଣ ପବିତ୍ର ବେଦ ମନ୍ତ୍ର ପାଠ କରି ଅଖିମୁଠି ଅନକୂଳ କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣି ସୁନା, ସହକାରୀ କୃଷି ଅଧିକାରୀ ସୁଜିତ କୁମାର ଭୋଇ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୌମ୍ୟରଞ୍ଜନ ସେଠୀ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁଜିତ କୁମାର ଶତପଥୀ, ଆତ୍ମା ସଭାପତି ଜୟକୃଷ୍ଣ ସାହୁ, ପେକ୍ସ ସମ୍ପାଦକ ଶ୍ରୀପତି ଭୋଇ, ଗଣେଶ ମାଝି, ମାଧବ ପାଢୀ ପ୍ରମୁଖ ଯୋଗଦେଇ କୃଷକ ଦିବସ ଓ ଅକ୍ଷୟ ତୃତୀୟା ପାଳନ ସମ୍ପର୍କରେ ସୂଚନା ଦେବା ସହ ସମନ୍ୱିତ କୃଷି ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବରାଜ ବନଛୋର, ସୁନା ପୁଟେଲ, ସାଧୁ ମେହେର, ଡୋଲାମଣି ସେଠ, କୁମୁଦିନୀ ପାଣିଗ୍ରାହୀଙ୍କ ସମେତ କୃଷି କର୍ମଚାରୀ ଏବଂ ଚାଷୀ ଉପସ୍ଥିତ ଥିଲେ।



ଖପ୍ରାଖୋଲଠାରେ ପୂଜାର୍ଚ୍ଚନା କରାଯାଉଛି।